بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ: 8

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

ସଂଖ୍ୟା: 32

ବାର୍ଷିକ ଦେୟ : ୬୦୦/-

www.badrqadian.in

22 ମୁହରରମ୍ 1445 ହି.କ, 10 ଜହୁର୍ 1402 ହି.ଶ 10 Aug 2023 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

وَلَوْ تَرٰٓى اِذْ وُقِفُوْا عَلَى النَّارِ فَقَالُوْا يٰلَيْتَنَا نُرَدُّ وَلَا نُكَذِّبَ بِاٰيٰتِ رَبِّنَا وَنَكُوْنَ مِنَ الْمُؤْمِنِيْنَ

(ଅଲ୍ ଅନଆମ୍-28)

ଅନୁବାଦ : ଏବଂ ଯଦି ତୁମ୍ଭେ ସେମାନଙ୍କୁ ନରକ ସମ୍ମୁଖରେ ଦଣ୍ଡାୟମାନ ହେବାବେଳେ ଦେଖି ପାରନ୍ତ ଯେତେବେଳେ ସେମାନେ କହିବେ, "ଆହା, ଆମାନଙ୍କୁ ବିଶ୍ୱାସ କରୁଥିବା ଅବସ୍ଥାରେ ପୁନଶ୍ଚ ଫେରାଇ ଦିଆଯାଆନ୍ତା କି ! ଏବଂ ଆମେମାନେ ଭବିଷ୍ୟତରେ ଆମମାନଙ୍କ ପାଳନକର୍ତ୍ତାଙ୍କର ନିଦର୍ଶନଗୁଡ଼ିକୁ କଦାପି ମିଥ୍ୟା ମନେ କରିବୁ ନାହିଁ" ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ, ନିଜର ସକଳ-ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟମଣ୍ଡିତ ହେବା ନିମନ୍ତେ ତଥା ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର୍ ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

# ନବୀ ସ.ଅଙ୍କ ବାଣୀ

**ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଶାସକ ଓ ଉତ୍ତରଦାୟି ବ୍ୟକ୍ତି ଅଟନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଆଶ୍ରିତ ପ୍ରଜାନୁରଞ୍ଜକତା ସଂପର୍କରେ ପ୍ରଶ୍ନ ପଚାରାଯିବ ।**

(2409)ହ. ଅବ୍ଦୁଲ୍ଲାଃ ଇବ୍ନେ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହୁଥିଲେ, ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଶାସକ ଓ ଉତ୍ତରଦାୟି ବ୍ୟକ୍ତି ଅଟନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିକୁ ତା'ର ଆଶ୍ରିତ ପ୍ରଜାନୁରଞ୍ଜକତା ସଂପର୍କରେ ପ୍ରଶ୍ନ କରାଯିବ । ସମ୍ରାଟ ଜଣେ ଶାସକ ଅଟନ୍ତି , ତେଣୁ ତାଙ୍କୁ ପ୍ରଜା ମାନଙ୍କ ସଂପର୍କରେ ପ୍ରଶ୍ନ ପଚାରାଯିବ ଓ ପ୍ରତ୍ୟେକ ବ୍ୟକ୍ତି ନିଜ ପରିବାରର ଜଣେ ଜଣେ ଶାସକ ଅଟନ୍ତି । ତେଣୁ ସେମାନଙ୍କୁ ମଧ୍ୟ ସେମାନଙ୍କ ପରାବାରର ସଂପର୍କରେ ପ୍ରଶ୍ନ ପଚାରିଯିବ । ସେହିପରି ଜଣେ ଦାସ ମଧ୍ୟ ନିଜ ମାଲିକର ଧନ ସମ୍ପତ୍ତି ରକ୍ଷା କରିବା ନିମନ୍ତେ ଉତ୍ତରଦାୟି ତଥା ପ୍ରତିବଦ୍ଧ ଅଟେ । ସୁତରାଂ ଏଥି ସଂକ୍ରାନ୍ତରେ ତା'କୁ ମଧ୍ୟ ପ୍ରଶ୍ନ ପଚାରାଯିବ (ଅର୍ଥାତ ସେ ମଧ୍ୟ ଏଥି ପାଇଁ ଉତ୍ତରଦାୟି ରହିବ) । (ହ. ଇବ୍ନେ ଉମର୍ ର.ଅ) କହିଲେ: ମୁଁ ଆଁହଜରତ ସ.ଅଙ୍କ ଠାରୁ ସେହି ଲୋକମାନଙ୍କର ଚର୍ଚ୍ଚା ଶୁଣିଲି ଓ ମୁଁ ଭାବୁଛି ଯେ, ନବୀ ସ.ଅ ଏହା ମଧ୍ୟ କହିଥିଲେ ଯେ, ବ୍ୟକ୍ତି ନିଜ ପିତାଙ୍କ ସମ୍ପତ୍ତି ସଂପର୍କରେ ମଧ୍ୟ ଉତ୍ତରଦାୟି ଅଟେ । ତା'କୁ ମଧ୍ୟ ଏଥି ସଂକ୍ରାନ୍ତରେ ପ୍ରଶ୍ନ ପଚରାଯିବ । ତେଣୁ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଜଣେ ଜଣେ ଶାସକ ଓ ଉତ୍ତରଦାୟୀ ଅଟନ୍ତି । ତା'ଙ୍କୁ ମଧ୍ୟ ନିଜର ଆଶ୍ରିତ ପ୍ରଜାନୁରଞ୍ଜକତା ସଂପର୍କରେ ପ୍ରଶ୍ନ ପଚାରାଯିବ ।

**(ସହିଉଲ୍ ବୁଖାରୀ, ଖଣ୍ଡ-4, କିତବାଲୁ ଇସ୍ତିକ୍ରାଜ୍, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

# ଆଁହଜରତ ସ.ଅଙ୍କ ଭବ୍ୟ ଦେବୋପମ ଶକ୍ତି

ଆପଣ ସ.ଅଙ୍କ ଦ୍ୱାରା ପ୍ରସ୍ତୁତ ଜମାଅତ୍‌କୁ ଯଦି ଦଖାଯାଏ ତେବେ ସେମାନେ (ସାହାବାମାନେ)ସଂପୂର୍ଣ୍ଣ ରୂପେ ପ୍ରଭୁଙ୍କ ସକାଶେ ହିଁ ଉତ୍ସର୍ଗୀକୃତ ଥିବାର ଦୃଶ୍ୟମାନ ହୁଅନ୍ତି ଓ ନିଜର ବ୍ୟବହାରିକ ଜୀବନରେ ସେମାନଙ୍କର କୌଣସି ଦୃଷ୍ଟାନ୍ତ ମିଳୁ ନାହିଁ ।

## ପ୍ରତିଶୃତ ମସିହ୍ ଅ.ସଙ୍କ ନିତୀବାଣୀ:-

ଆମମାନଙ୍କର ପ୍ରିୟ ମୁନିବ ତଥା ପ୍ରଭୁଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ଦେବୋପମ ଶକ୍ତି ସେହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା ଯେ, ଯଦି ସମସ୍ତ ଅବତାରମାନଙ୍କ ତୁଳନାରେ ଆପଣ ସ.ଅଙ୍କୁ ଦେଖାଯାଏ ତେବେ ଜଣାପଡ଼ିବ ଯେ, କେହି ଆପଣ ସ.ଅଙ୍କ ବିରୁଦ୍ଧରେ କୌଣସି ଅବତାର କିଛି କହି ନାହାନ୍ତି । ଇହୁଦୀମାନେ ସଂସାରାବାସୀଙ୍କୁ କହି ବୁଲୁଛନ୍ତି ଯେ, ଖ୍ରୀଷ୍ଟିଆନମାନଙ୍କୁ ଦେଖ ସେମାନେ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦମୂଳକ ଝରଣା ଠାରୁ ଦୂରେଇ ଯାଇଛନ୍ତି । କେହି ହ. ମରିୟମ୍ ଅ.ସଙ୍କୁ ଉପାସନା କରୁଛି ତ' ଆଉ କେହି ଯୀଶୁ ଖ୍ରୀଷ୍ଟଙ୍କୁ ଉପାସନା କରୁଛି ଓ ଯୀଶୁଙ୍କୁ ଈଶ୍ୱର ବୋଲି ବିବେଚିତ କରୁଛି । ସାଂସାରିକ ଉପାସନା ହିଁ ଦିବାରାତ୍ର କାର୍ଯ୍ୟ ରୂପେ ବିବେଚିତ ହୋଇଯାଇଛି। ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରସ୍ତୁତ ଜମାଅତ୍‌କୁ ଯଦି ଅବଲୋକନ କରାଯାଏ ତେବେ ସେହି ଜମାଅତ୍ ସର୍ବଦା ଓ ପ୍ରତ୍ୟେକ ମୁହୂର୍ତ୍ତ ପ୍ରଭୁଙ୍କ ସକାଶେ ଉତ୍ସର୍ଗୀକୃତ ଥିବାର ଦୃଶ୍ୟମାନ ହେଉଅଛି ଏବଂ ନିଜର ବ୍ୟବହାରିକ ଜୀବନରେ ସେମାନଙ୍କର କୌଣସି ଦୃଷ୍ଟାନ୍ତ ମିଳୁ ନାହିଁ । ଆଁହଜରତ ସ.ଅଙ୍କ ପବିତ୍ର ଜୀବନର ନିଚ୍ଛକ ପ୍ରତିଛବି ଏହିକି ଯେ, ଆପଣ ସ.ଅ ଗୋଟିଏ କାର୍ଯ୍ୟ ସକାଶେ ଆସିଲେ ଓ ତା'କୁ ସଂପୂର୍ଣ୍ଣ କରି ସେତେବେଳେ ଇହଧାମରୁ ବିଦାୟ ନେଲେ ଯେପରି କି ଜମି ବନ୍ଦୋବସ୍ତକାରୀମାନେ ସଂପୂର୍ଣ୍ଣ କାଗଜପତ୍ରକୁ ପାଞ୍ଚ ବର୍ଷ ମଧ୍ୟରେ ପ୍ରସ୍ତୁତ କରି ଶେଷ ରିପୋର୍ଟ ଦିଅନ୍ତି ଓ ପରେ ସେମାନେ ଚାଲି ଯାଆନ୍ତି । ଠିକ୍ ସେହିପରି ରସୁଲୁଲ୍ଲାଃ ସ.ଅଙ୍କ ଜୀବନରେ ମଧ୍ୟ ଏହା ଦୃଶ୍ୟମାନ ହୁଏ । ସେହି ଦିନ ଠାରୁ ଆରମ୍ଭ କରି ଯେତେବେଳେ قُمْ فَاَنْذِرْ ର ସ୍ୱର ଆସିଲା ଅର୍ଥାତ ଶୁଭିଲା । ପୁନଶ୍ଚ اِذَا جَآءَ نَصْرُ اللّٰهِ ଅର୍ଥାତ ଯେତେବେଳେ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ଭକ୍ତକୁ ପ୍ରାପ୍ତ ହୋଇଯାଏ ଓ اَلْيَوْمَ اَكْمَلْتُ لَكُمْ دِيْنَكُمْ ର ଦିନ ପର୍ଯ୍ୟନ୍ତ ଯଦି ଦେଖନ୍ତି ତେବେ ଆପଣ ସ.ଅଙ୍କ ଅଦୃଷ୍ଟାନ୍ତନୀୟ ସଫଳତା ସଂପର୍କରେ ସୂଚନା ମିଳିଥାଏ । ଉପରୋକ୍ତ ଆୟତରୁ ଏହା ସ୍ପଷ୍ଟ ରୂପେ ଏହା ପ୍ରତିଭାତ ହୁଏ ଯେ, ଆପଣ ସ.ଅ ବିଶେଷ ରୂପେ ନିଯୁକ୍ତ ହୋଇଥିଲେ । ହ. ମୁସା ଅ.ସଙ୍କୁ ନିଜ ଜୀବନରେ ଆଶାନୁରୂପ ସେହି ସଫଳତା ପ୍ରାପ୍ତ ହେଲା ନାହିଁ ଯାହା ତାଙ୍କ ଅବତାରତ୍ୱର ଶେଷ ଥିଲା । ସେ ସେହି ଅର୍ଜେ ମୁକଦ୍ଦସ୍ (ପବିତ୍ର ଭୂମି) ଓ ପ୍ରତିଶୃତ ଭୂମିକୁ ସ୍ୱଚକ୍ଷୁରେ ଦେଖିପାରିଲେ ନାହିଁ । ବରଂ ମାର୍ଗରେ ହିଁ ସେ ମୃତ୍ୟୁବରଣ କଲେ । ଅମାନ୍ୟକାରୀ କେତେବେଳେ ଏହା ସ୍ୱୀକାର କପାରିବ ଓ ଜଣେ ଅବିଶ୍ୱାସକାରୀ ବ୍ୟକ୍ତି ମାର୍ଗରେ ମୃତ୍ୟୁବରଣ କରିବା ଓ ପ୍ରତିଶୃତ ଭୂମି ପର୍ଯ୍ୟନ୍ତ ତା'ର ପହଞ୍ଚି ନପାରିବାର କାରଣଗୁଡ଼ିକ କେତେବେଳେ ଶୁଣିବାକୁ ଲାଗିଲା ? ସେ ତ' ଏହା ହିଁ କହିବ ଯେ, ଯଦି ମାମୁର (ଈଶ୍ୱରଙ୍କ ପକ୍ଷରୁ ନିଯୁକ୍ତ ମହାତ୍ମା ଅବତାର) ଥିଲେ ତେବେ ପ୍ରତିଶୃତି ତାଙ୍କ ଜୀବନକାଳ ମଧ୍ୟରେ କାହିଁକି ପୂର୍ଣ୍ଣ ହେଲା ନାହିଁ ? ସତ୍ୟ କଥା ଏହିକି ଯେ, ସମସ୍ତ ଅବତାରମାନଙ୍କର ଦୋଷ ଦୁର୍ବଳତାକୁ ଆମର ପ୍ରିୟ ମୁନିବ ସ.ଅଙ୍କ ମାଧ୍ୟମରେ ଲୁଚାଇ ଦିଆଯାଇଥିଲା ।

**(ମଲ୍‌ଫୁଜାତ୍, ଭାଗ-1, ପୃ-468, ପ୍ରକାଶନ ବର୍ଷ-2018 ମସିହା, ସ୍ଥାନ- କାଦିଆନ୍)**

**ଅବୁ ଲହବର ପତ୍ନୀର ଘଟଣା କେବଳ ଅବାନ୍ତର ପ୍ରସଙ୍ଗ ଅଟେ । ଈଶ୍ୱରଙ୍କ ସେହି ବାର୍ତ୍ତାବହ ଯିଏ ସମଗ୍ର ସଂସାରକୁ ଭୟ କଲା ନାହିଁ । ଆଉ ଜଣେ ଦୁର୍ବଳ ମହିଳା ଠାରୁ ଏଭଳି କିପରି ଭୟଭୀତ ହୋଇପାରିବ ଯେ, ଅଲ୍ଲାଃତାଲାଙ୍କୁ ସେହି ବାର୍ତ୍ତାବହଙ୍କୁ ଅଦୃଶ୍ୟ କରିବାକୁ ପଡ଼ିଲା ?**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରାହ୍ ବନି ଇସ୍ରାଇଲ୍‌ର ଆୟତ୍ ସଂଖ୍ୟା 46 وَاِذَا قَرَاْتَ الْقُرْاٰنَ جَعَلْنَا بَيْنَكَ وَبَيْنَ الَّذِيْنَ لَا يُؤْمِنُوْنَ بِالْاٰخِرَةِ حِجَابًا مَّسْتُوْرًا ଅର୍ଥାତ ଯେତେବେଳେ ତୁମ୍ଭେ କୁରଆନ୍ ପାଠ କର ସେତେବେଳେ ଆମ୍ଭେ ତୁମ୍ଭ ମଧ୍ୟରେ ଓ ଯେଉଁମାନେ ପରକାଳ ଉପରେ ବିଶ୍ୱାସ କରନ୍ତି ନାହିଁ ସେମାନଙ୍କ ମଧ୍ୟରେ ଏକ ଅଦୃଶ୍ୟ ଆବରଣ ସ୍ଥାପନ କରୁ । ଉପରୋକ୍ତ ଆୟତ୍‌ର ଦୁଇଟି ଅର୍ଥ ରହିଛି ଯଥା (1) ଅର୍ଥାତ ହେ ମୁହମ୍ମଦ ! ଯେତେବେଳେ ତୁମ୍ଭେ ପବିତ୍ର କୁରଆନ୍ ପାଠ କର ସେତେବେଳେ ଆମ୍ଭେ ତୁମ୍ଭ ମଧ୍ୟରେ ଓ ଯେଉଁମାନେ ପରକାଳ ଉପରେ ବିଶ୍ୱାସ କରୁ ନାହାନ୍ତି ସେମାନଙ୍କ ମଧ୍ୟରେ ଏଭଳି ଏକ ଆବରଣ ସ୍ଥାପନ କରିଦେଇଥାଉ ଯେ, ସେହି ଆବରଣ ସ୍ୱୟଂ ଲୁକ୍କାୟିତ ହୋଇ ରହିଥାଏ । ଅର୍ଥାତ ଉକ୍ତ ଆବରଣଟି ଅବିଶ୍ୱାସକାରୀଙ୍କ ଦୃଷ୍ଟିରୁ ମଧ୍ୟ ଲୁକ୍କାୟିତ ଅବସ୍ଥାରେ ରହିଥାଏ । ଏହା ଏଇଥିପାଇଁ ଯେ, କୌଣସି ଅବୋଧ ବ୍ୟକ୍ତି ହିଜାବ୍ (ଆବରଣ) ଶବ୍ଦରୁ ପ୍ରକାଶ୍ୟଗତ ଅର୍ଥ ଯେପରି ବୁଝି ନବସୁ ।

କେତେକ ଲୋକମାନେ ଆବରଣରୁ ସେହି ଅର୍ଥ ବୁଝୁଛନ୍ତି ଯେ, ଯେଉଁ ଆବରଣ ସାହାଯ୍ୟରେ ଆଁହଜରତ ସ.ଅ ଲୁଚି ଯାଉଥିଲେ ଓ ସେହି ଲୋକମାନେ ଅବୁ ଲହବ୍‌ର ପତ୍ନୀ ସଂକ୍ରାନ୍ତରେ ଘଟଣା ଉଲ୍ଲେଖ କରିଛନ୍ତି ଯେ, ଯେତେବେଳେ ସୁରତୁଲ୍ ଲହବ୍ ଅବତୀର୍ଣ୍ଣ ହେଲା ସେତେବେଳେ فِيْ جِيْدِهَا حَبْلٌ مِّنْ مَّسَدٍ ଶୁଣି ସେ କ୍ରୋଧ ଜର୍ଜରିତ ହୋଇ ନବୀ କରୀମ୍ ସ.ଅଙ୍କୁ କଷ୍ଟ ଦେବା ଉଦ୍ଦ୍ୟଶ୍ୟରେ ଧାଇଁ ଆସିଲା । ନବୀ କରୀମ୍ ସ.ଅ ଦୁଆ କଲେ ଯେ, ହେ ଈଶ୍ୱର ! ତୁମ୍ଭେ ମୋତେ ସେହି ମହିଳାର ଉପଦ୍ରବରୁ ରକ୍ଷା କର । ତେଣୁ ଅଲ୍ଲାଃତାଲା ଆପଣ ସ.ଅଙ୍କ ସମ୍ମୁଖରେ ଏକ ଆବରଣ ସ୍ଥାପନ କରିଦେଲେ ଓ ଏହି କାରଣରୁ ସେ ଆପଣ ସ.ଅଙ୍କୁ ଦେଖି ପାରିଲା ନାହିଁ । ଏହା କେବଳ ଅବାନ୍ତର ଘଟଣା ଅଟେ । ଈଶ୍ୱରଙ୍କ ସେହି ବାର୍ତ୍ତାବହ ଯିଏ ସମଗ୍ର ସଂସାରକୁ ଭୟ କଲା ନାହିଁ । ଆଉ ଜଣେ ଦୁର୍ବଳ ମହିଳା ଠାରୁ ଏଭଳି କିପରି ଭୟଭୀତ ହୋଇପାରିବ ଯେ, ଅଲ୍ଲାଃତାଲାଙ୍କୁ ସେହି ବାର୍ତ୍ତାବହଙ୍କୁ ଅଦୃଶ୍ୟ କରିବାକୁ ପଡ଼ିଲା ? ଏହି ଅନୌଚିତ୍ୟ କଥାକୁ କୌଣସି ବୁଦ୍ଧିମାନ ବ୍ୟକ୍ତି ସହଜରେ ଗ୍ରହଣ କରିପାରିବ ନାହିଁ । ତେଣୁ ଉକ୍ତ ବର୍ଣ୍ଣନାଟିକୁ ଉପସ୍ଥାପିତ କରୁଥିବା ଉପସ୍ଥାପନକାରୀମାନେ ଏହା ମଧ୍ୟ ଭାବୁ ନାହାନ୍ତି ଯେ, ଈଶ୍ୱରଙ୍କୁ ତ' ସେହି ଆବରଣକୁ مَسْتُوْر (ଗୁପ୍ତ ବା ଲୁକ୍କାୟିତ) ବୋଲି ବିବେଚିତ କରିଥାନ୍ତି । ଅର୍ଥାତ ସେହି ଆବରଣଟି ଦୃଶ୍ୟମାନ ହୁଏ ନାହିଁ କିନ୍ତୁ ଏହି ଲୋକମାନେ ଆବରଣକୁ ପ୍ରକଟ କରି ନବୀ ସ.ଅଙ୍କୁ ଗୁପ୍ତ ବୋଲି ବିବେଚିତ କରୁଛନ୍ତି ।

(2) ଉପରୋକ୍ତ ବାକ୍ୟ (ଆୟତ୍)ର ଦ୍ୱିତୀୟ ଅର୍ଥ ଏହା ହୋଇପାରିବ ଯେ, ସେହି ଆବରଣର ସମ୍ମୁଖ ଭାଗରେ ଆଉ ଏକ ଆବରଣ ପଶ୍ଚାତ ଭାଗରେ ହୋଇଥାଏ । ଅର୍ଥାତ ତୁମମାନଙ୍କ ମଧ୍ୟରେ ଓ ସେମାନଙ୍କ ମଧ୍ୟରେ କେବଳ ଗୋଟିଏ ଆବରଣ ନଥାଏ ବରଂ ଅନେକ ଆବରଣ ଓ ଆସ୍ତରଣ ସ୍ଥାପନ ହୋଇଥାଏ । ଜାତୀୟତାର କୌଣସି ଆବରଣ, ଅର୍ଥନୈତିକତାର କୌଣସି ଆବରଣ, ଚାରିତ୍ରିକତାର କୌଣସି ଆବରଣ ଇତ୍ୟାଦି ଇତ୍ୟାଦ । ଅର୍ଥାତ ଲୋକମାନେ କେବେ ବି ଏହି ଚିନ୍ତାଧାରାକୁ କେନ୍ଦ୍ର କରି ବିଶ୍ୱାସ ଆଣନ୍ତି ନାହିଁ ଯେ, ଉକ୍ତ ବାର୍ତ୍ତାବହକୁ ଯଦି ଆମେ ସ୍ୱୀକାର କଲୁ ତେବେ ଜାତିକୁ ଛାଡ଼ିବାକୁ ପଡ଼ିବ, କେତେବେଳେ ମନ ଭିତରେ ଏହି ଭାବନା ମଧ୍ୟ ଉତ୍ପନ ହେବ ଯେ, ଉକ୍ତ ବାର୍ତ୍ତାବହଙ୍କୁ ସ୍ୱୀକାର କରିବା ଫଳରେ ଧନ ହାନୀ ହେବ, ଆଉ କେତେବେଳେ ମନ ଭିତରେ ଏହି ଭାବନା ଉତ୍ପନ୍ନ ହୁଏ ଯେ, ଏହି ବାର୍ତ୍ତାବହଙ୍କୁ ସ୍ୱୀକାର କରିବା ଫଳରେ ଯେଉଁ ଅଶିକ୍ଷତାର ବଦ ଅଭ୍ୟାସ ପଡ଼ି ଯାଇଛି ତାହାକୁ ପରିତ୍ୟାଗ କରିବାକୁ ପଡ଼ିବ । ସୁତରାଂ ଉକ୍ତ ଆୟତ୍‌ରେ ଏହା କୁହାଯାଇଛି ଯେ, ଯେପର୍ଯ୍ୟନ୍ତ ସେହି ଲୋକମାନେ ଉପରୋକ୍ତ ଆବରଣଗୁଡଡ଼ିକୁ ହଟାଇ ନାହାନ୍ତି ସେପର୍ଯ୍ୟନ୍ତ ସେହି ଲୋକମାନେ ତୁମ୍ଭ ପର୍ଯ୍ୟନ୍ତ ପହଞ୍ଚି ପାରିବେ ନାହିଁ । କିନ୍ତୁ ସମସ୍ୟା ଓ ବଡ଼ମ୍ବନା ଏହିକି ଯେ, ସେହି ଆବରଣ ବା ପ୍ରତିବନ୍ଧକଗୁଡ଼ିକ ଏପରି ଅଟନ୍ତି ଯେ, ତାହା ସେମାନଙ୍କୁ ଦୃଶ୍ୟମାନ ହୁଅନ୍ତି ନାହିଁ। ସେମାନଙ୍କ ଦୃଷ୍ଟିରୁ ତାହା ଲୁକ୍କାୟିତ ଅଟନ୍ତି । ସେମାନେ ନିଜ ଧାରଣାରେ ଏହା ବିଚାର କରନ୍ତି ଯେ, ପବିତ୍ର କୁରଆନ୍ ହିଁ ମନ୍ଦ ବସ୍ତୁ ଅଟେ । ଯଦି ତାହା ଉତ୍ତମ ବସ୍ତୁ ଥାଆନ୍ତା ତେବେ ତାହାର ପ୍ରଭାବ ଆମମାନଙ୍କ ହୃଦୟରେ ଯଥାଶୀଘ୍ର ଓ ନିଶ୍ଚିତ ପଡ଼ି ଥାଆନ୍ତା । କହିବାର ଅଭିପ୍ରାୟ ଏହିକି ଯେ, ସେମାନଙ୍କ ହୃଦୟ ଉପରେ ଏପରି କଳଙ୍କି ଲାଗି ଯାଇଛି ଯେ, ସେମାନଙ୍କୁ ଭଲ ଜିନିଷ ମଧ୍ୟ ଖରାପ ଲାଗିଥାଏ ଓ ଖରାପ ବସ୍ତୁ ସେମାନଙ୍କୁ ଭଲ ବୋଲି ପ୍ରତିତ ହୋଇଥାଏ । ତେଣୁ ସେମାନଙ୍କ ପକ୍ଷେ ବିଶ୍ୱାସ ପ୍ରାପ୍ତ ହେବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଥାଏ । ଏହିସବୁ ଅର୍ଥଗୁଡ଼ିକର ପୁଷ୍ଟି ପବିତ୍ର କୁରଆନ୍‌ର ପରବର୍ତ୍ତୀ ଆୟତ୍ وَجَعَلْنَا عَلٰى قُلُوْبِهِمْ اَكِنَّةً ରୁ ହିଁ ହୋଇଥାଏ । ଅର୍ଥାତ ଆମ୍ଭେ ସେମାନଙ୍କ ହୃଦୟରେ ଗୋଟିଏ ଆବରଣ ନୁହେଁ ବରଂ ଅନେକ ଆବରଣ ପକାଇ ଦେଇଥାଉ ।

**(ତଫ୍‌ସିର୍ କବିର୍ ଗ୍ରନ୍ଥ ଖଣ୍ଡ-4, ପୃ-344, ପ୍ରକାଶନ ବର୍ଷ-2010 ମସିହା, କାଦିଆନ୍)**

## 20 ଜୁଲାଇ, ସଂଖ୍ୟା 29ରେ ବର୍ଣ୍ଣିତ ବିଷୟବସ୍ତୁ "କନ୍ୟା ସନ୍ତାନ ପରେ ପୁତ୍ର ସନ୍ତାନ" ପୁତ୍ର ସନ୍ତାନ ପ୍ରାପ୍ତ କରିବାର ପ୍ରକୃତ କୁରଆନୀୟ ନୁସ୍‌ଖା (ପଥ୍ୟ)ର ଅବଶିଷ୍ଟାଂଶ......

### (ୟା ବୁଶ୍ରା ହାଜା ଗୁଲାମ୍)

ବିଗତ ବର୍ଷ ହ. ଡାକ୍ତର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ଅଲ୍‌ଫଜଲ୍‌ରେ ଏକ ନୋଟ୍ ଉଲ୍ଲେଖ କରିଥିଲେ, ଯାହାର ସାର ଏହା ଥିଲା କି ଆୟତ୍ ୟା ବୁଶ୍ରା ହାଜା ଗୁଲାମ୍‌ର ରହସ୍ୟ ମଧ୍ୟରୁ ଏକ ରହସ୍ୟ ଏହା ମଧ୍ୟ ରହିଛି ଯେ, ଯଦି କୌଣସି ବ୍ୟକ୍ତିଙ୍କ ଘରେ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରେ ଓ ତା'ର ନାମ ବୁଶ୍ରା ରଖାଯାଏ ତେବେ ଏହାପରେ ଅଲ୍ଲାଃତାଲାଙ୍କ କୃପାରୁ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିବ । ତତ୍‌ସଂକ୍ରାନ୍ତରେ ଡାକ୍ତର ସାହେବ କେତେକ ଉଦାହରଣ ଉପସ୍ଥାପିତ କରିଥିଲେ । ବର୍ତ୍ତମାନ ମୁଁ ମହୋଦୟଙ୍କ (ମୀର ମୁହମ୍ମଦ ଇସ୍‌ମାଇଲ୍ ସାହେବଙ୍କ) ସମର୍ଥନରେ ଏକ ସଦ୍ୟତମ ଉଦାହରଣ ଉପସ୍ଥାପିତ କରୁଛି । ଆମର ଜଣେ ଅହେମଦି ଭାଇ ଖିଜର ହୁସୈନ୍ ଅଲ୍‌କଜକ୍ ସାହେବ ହୈଫାରୁ ଉଲ୍ଲେଖ କରନ୍ତି ଯେ. ସେ ନିଜ କନ୍ୟାର ନାମ ବୁଶ୍ରା ରଖିଲେ ଓ ଏହା ପରେ ଅଲ୍ଲାଃତାଲା ତାଙ୍କୁ ପୁତ୍ର ସନ୍ତାନ ପ୍ରଦାନ କରିଛନ୍ତି । ସୁତରାଂ ଉପରୋକ୍ତ ଆୟତ୍ (ଅର୍ଥାତ **ୟା ବୁଶ୍ରା ହାଜା ଗୁଲାମ୍**) ଉଲ୍ଲେଖ କରି କୁହନ୍ତି: **ସୟେଦି ଇନ୍ନି ଅଜ୍‌ଫୁ ଇଲୈକୁମ୍ ହାଜିହ୍ଲ୍ ବୁଶ୍ରା ୱହିୟା ମିମ୍ ବାଆଦି ବନ୍ତି ଅଲ୍ଲତି ସମ୍ମୈତୁହା ବୁଶ୍ରା । ଇନ୍ ୱାହିବୁଜ୍ ଜୁକୁରା ୱଲ୍ ଇନ୍‌ସା ରଜକନି ଗୁଲାମମ୍** । ଅର୍ଥାତ୍ ମୁଁ ଆପଣଙ୍କୁ ଶୁଭ ସମାଚାର ଦେଉଛି ଯେ, ଅଲ୍ଲାଃତାଲା ମୋତେ ମୋର ସୁପୁତ୍ରୀ ଯାହାର ନାମ ବୁଶ୍ରା ରଖିଥିଲି ତା' ପରେ ମୋତେ ଏକ ପୁତ୍ର ସନ୍ତାନ ପ୍ରଦାନ କଲେ ।

ଲଣ୍ଡନରୁ ବିନୀତ ଜଲାଲୁଦ୍ଦୀନ୍ ଶମ୍‌ଶ୍

**(ରୋଜନାମା ଅଲଫଜଲ୍ କାଦିଆନ୍, 1 ଫେବୃୟାରୀ 1938 ମସିହା)**

## 13 ଜୁଲାଇ, ଶୁମାରା ନଂ-28ର ଅବଶିଷ୍ଟାଂଶ.. (ପବିତ୍ର କୁରଆନ ସମଗ୍ର ମାନବ ଜାତି ନିମନ୍ତେ ଏକ ପରିପୂର୍ଣ୍ଣ ଗ୍ରନ୍ଥ )

ପବିତ୍ର କୁରଆନ୍ ଅନୁସାରେ ଯୀଶୁଖ୍ରୀଷ୍ଟ ଅ.ସଙ୍କର ପଦ ମର୍ଯ୍ୟାଦା ଜଣେ ଉଚ୍ଚମାନର ତଥା ସମୁନ୍ନତ ସ୍ଥାନର ବାର୍ତ୍ତାବହଙ୍କ ପଦମର୍ଯ୍ୟାଦାର ଅନୁରୂପ ଅଟେ । ଯୀଶୁଖ୍ରୀଷ୍ଟ ଯିଏ ଆକ୍ଷରିକ ଅର୍ଥରେ ଅଲ୍ଲାଃଙ୍କର ପୁତ୍ର ଏବଂ ସେ ମାନବ ଜାତିର ପରିତ୍ରାଣ ପାଇଁ ଯେ କ୍ରୁଶରେ ମୃତ୍ୟୁବରଣ କରିଥିଲେ, ଏହା ପବିତ୍ର କୁରଆନ୍ ଗ୍ରହଣ କରେ ନାହିଁ । ଯୀଶୁ ଖ୍ରୀଷ୍ଟଙ୍କୁ ଯେ ମତ୍ୟୁ ପର୍ଯ୍ୟନ୍ତ କ୍ରୁଶବିଦ୍ଧ କରାଯାଇ ରଖାଯାଇଥିଲା ଖ୍ରୀଷ୍ଟିୟାନ୍ ଓ ଇହୁଦୀମାନଙ୍କର ଏହି ଦାବିକୁ ପବିତ୍ର କୁରଆନ୍ ନିର୍ଦ୍ଦିଷ୍ଟ............(ଅବଶିଷ୍ଟାଂଶ ପୃ- 12ରେ)

# (ଖୁତ୍‌ବା ଜୁମା)

**ସତ୍ୟକୁ ଉଦଘାଟିତ କରିବା ନିମନ୍ତେ ଈଶ୍ୱର ଏହି ସଂପ୍ରଦାୟକୁ ସ୍ଥାପିତ କରିଛନ୍ତି । (ହ. ମସିହ୍ ମଉଦ୍ ଅ.ସ)**

**ଆଜି ପୃଥିବୀର ବିଭିନ୍ନ ପ୍ରାନ୍ତରେ ଯେଉଁ ଜଲ୍‌ସାମାନ ଆୟୋଜିତ ହେଉଅଛି ଏବଂ ହଜାର ହଜାର ସଂଖ୍ୟାରେ ଅହେମଦିମାନେ ସେହି ଜଲ୍‌ସାମାନଙ୍କରେ ସାମିଲ୍ ହେଉଛନ୍ତି, ତାହା ସେହି ନିଦର୍ଶନ ମଧ୍ୟରୁ ଅନ୍ୟତମ ଏକ ନିଦର୍ଶନ ଅଟେ ।**

**ଯେଉଁମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରୁଛନ୍ତି ସେହିମାନେ ହେଉଛନ୍ତି ଭାଗ୍ୟଶାଳୀ ବ୍ୟକ୍ତି ଏବଂ ସେମାନେ ବିରୋଧୀମାନଙ୍କ ବିରୋଧର ସମ୍ମୁଖୀନ ହୋଇ ଅଲ୍ଲାଃତାଲାଙ୍କ ପ୍ରେମାନୁରାଗ ଓ ପ୍ରସନ୍ନତାକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହେଉଛନ୍ତି ।**

**ଆମ ସଂପ୍ରଦାୟ ହେଉଛି ଏହିଭଳି ଏକ ସଂପ୍ରଦାୟ ଯେ, ମନୁଷ୍ୟ ନିଜର ଆତ୍ମସ୍ୱାର୍ଥକୁ ପରିତ୍ୟାଗ କରି ନିଷ୍ଠାମୂଳକ ଏକେଶ୍ୱରବାଦ ମାର୍ଗ ଉପରେ ପରିଚାଳିତ ହୁଏ ।**

**ଜମାଅତ୍‌କୁ ସ୍ଥାପନ କରିବାର ପ୍ରକୃତ ଅଭିପ୍ରାୟ ଏହିକି ଯେ, ଏକେଶ୍ୱରବାଦ ସ୍ଥାପନ କରିବା ଓ ଈଶ୍ୱରଙ୍କ ପ୍ରେମ ମନରେ ସୃଷ୍ଟି କରିବା । ଏକେଶ୍ୱରବାଦର ସ୍ୱୀକାରୋକ୍ତିରେ ମଧ୍ୟ ଏକ ବିଶେଷ ଶୈଳୀ ଅବଲମ୍ବନ କରିବା ଉଚିତ, ଅଲ୍ଲାଃତାଲାଙ୍କ ଆଡ଼କୁ ଆନତ ହେବାର ଏକ ବିଶେଷ ଶୈଳ ଅବଲମ୍ବନ କରାଯାଉ, ଈଶ୍ୱର ଚର୍ଚ୍ଚାର ମଧ୍ୟ ଏକ ବିଶେଷ ଶୈଳୀ ଅବଲମ୍ବନ କରାଯାଉ, ସେହିପରି ନିଜ ଭାଇମାନଙ୍କର ମଧ୍ୟର କର୍ତ୍ତବ୍ୟ ସମ୍ପାଦନ କରାଯାଉ । ଅର୍ଥାତ ନିଜ ଭାଇମାନଙ୍କର ଅଧିକାର ସମ୍ପଦାନ କରିବାରେ ଏକ "ବିଶେଷ ପଦ୍ଧତି ଓ ଶୈଳୀ ଅବଲମ୍ବନ କରାଯାଉ ।" ସୁତରାଂ ଏହା ହେଉଛି ଆମାନଙ୍କର ଅଭିପ୍ରାୟ ଯାହାକୁ ପ୍ରାପ୍ତ କରିବା ନିମନ୍ତେ ଆମମାନଙ୍କୁ ଉଦ୍ୟମ କରିବା ଉଚିତ୍ । ତେବେଯାଇ ଜମାଅତ୍‌ର ଉନ୍ନତି ଆମେମାନେ ସ୍ୱଚକ୍ଷୁରେ ଅବଲୋକନ କରିପାରିବୁ ।**

**"ମୋର ଅଭିପ୍ରାୟ ଏହିକିଯେ, ମୌଖିକ ସ୍ୱୀକାରୋକ୍ତି ସହିତ ବ୍ୟବହାରିକ ପୁଷ୍ଟି ଅନିର୍ବାର୍ଯ୍ୟ ଅଟେ, ତେଣୁ ଏଥିପାଇଁ ନିଜ ଜୀବନକୁ ପ୍ରଭୁଙ୍କ ମାର୍ଗରେ ଉତ୍ସର୍ଗ କରିବାର ଆବଶ୍ୟକତା ରହିଛି ।"**

**ଅର୍ଥାତ ପ୍ରଭୁଙ୍କୁ ପ୍ରତ୍ୟେକ ବସ୍ତୁ ଉପରେ ପ୍ରାଧାନ୍ୟ ଦିଅନ୍ତୁ, ତାହାଙ୍କ ଆଦେଶାବଳୀକୁ ପ୍ରତ୍ୟେକ ବସ୍ତୁ ଉପରେ ପ୍ରାଧାନ୍ୟ ଦେଇ ତାହାଙ୍କ ଦ୍ୱାରା ପ୍ରେରିତ ଧର୍ମକୁ ପ୍ରତ୍ୟେକ ବସ୍ତୁ ଉପରେ ଅଗ୍ରାଧିକାର ପ୍ରଦାନ କରି ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦିଆଯାଉ ।**

**ନିଃସନ୍ଦେହ ରୂପେ ତୁମେ ଏକଥାକୁ ସ୍ମରଣ ରଖ ଯେ, ଯଦି ତୁମ ମଧ୍ୟରେ ବିଶ୍ୱସ୍ତତା ଓ ନିଷ୍ଠାପରତା ନାହିଁ ତେବେ ତୁମେ ମିଥ୍ୟାବାଦୀ ବିବେଚିତ ହେବ ଓ ପ୍ରଭୁଙ୍କ ସମକ୍ଷରେ ତୁମେ ସତ୍ୟବାଦୀ ବିବେଚିତ ହୋଇପାରିବ ନାହିଁ । ଏକେଶ୍ୱରବାଦ ସ୍ଥାପନ କରିବା ସଙ୍ଗେସଙ୍ଗେ, ଅଲ୍ଲାଃତାଲାଙ୍କୁ ପ୍ରେମ କରିବା, ଅଲ୍ଲାଃତାଲାଙ୍କ ପ୍ରିୟତମ ସ.ଅଙ୍କ ପ୍ରତି ପ୍ରେମ ଓ ଆନ୍ତରିକମୂଳକ ସଂପର୍କ ସ୍ଥାପନ କରିବା ମଧ୍ୟ ଅନିର୍ବାର୍ଯ୍ୟ । ଏହା ହିଁ ଆମମାନଙ୍କର କର୍ତ୍ତବ୍ୟ ଓ ତେବେ ଯାଇ ଆମେମାନେ ବୈଅତ୍‌ର ପ୍ରକୃତ କର୍ତ୍ତବ୍ୟ ନିର୍ବାହ କରିବାକୁ ସକ୍ଷମ ହୋଇପାରିବୁ, ଆମେମାନେ ଯେତେବେଳେ ନିଜ ମଧ୍ୟରେ ଓ ଅନ୍ୟ ମଧ୍ୟରେ ଏକ ସ୍ପଷ୍ଟ ପାର୍ଥକ୍ୟ ସୃଷ୍ଟି କରି ଦେଖାଇବୁ ଓ ଈଶ୍ୱରାନୁରାଗ ଓ ଈଶ୍ୱରଙ୍କ ବାର୍ତ୍ତାବହ ଆଁହଜରତ ସ.ଅଙ୍କ ପ୍ରତି ଅସାଧାରଣ ଆନ୍ତରିକତାମୂଳକ ଉଦାହରଣ ସ୍ଥାପନ କରନ୍ତୁ ।**

**ଜଲ୍‌ସାର ଏହି ଦିନମାନଙ୍କରେ କାଦିଆନ୍‌ରେ ମଧ୍ୟ ଓ ପ୍ରତ୍ୟେକ ଦେଶରେ ଯେଉଁ ଯେଉଁଠି ଜଲ୍‌ସା ଆୟୋଜିତ ହେଉଛି ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ବିଶେଷ ରୂପେ ଦୁଆରେ ନିଜର ସମୟକୁ ଅତିବାହିତ କରନ୍ତୁ ଏବଂ ଏହି ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ଆମମାନଙ୍କୁ ବୈଅତ୍‌ର ପ୍ରକୃତ କର୍ତ୍ତବ୍ୟ ନିର୍ବାହ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।**

**ଜଲ୍‌ସା ଦିବସ ଉପଲକ୍ଷେ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ପ୍ରକାଶରେ ଆପଣ ଅ.ସଙ୍କ ଆଗମନ ଓ ଜମାଅତ୍ ଅହେମଦିୟାର ସ୍ଥାପନ ଜନିତ ଅଭିପ୍ରାୟର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।**

**ସମ୍ମାନନୀୟ ସ୍ୱର୍ଗତ ଫଜଲ୍ ଅହେମଦ୍ ସାହେବ ଡୋଗରଙ୍କ ନମାଜ ଯନାଜାଃ ହାଜିର ଓ ସମ୍ମାନନୀୟ ସ୍ୱର୍ଗତ ମଲକ୍ ମନ୍‌ସୁର୍ ଅହେମଦ୍ ସାହେବ ଉମର୍ (ମୁବଲ୍ଲିଗ୍ ସିଲ୍‌ସିଲା ରବ୍‌ୱା) ଓ ଗ୍ୟାମ୍ବିଆର ମୁଅଲ୍ଲିମ୍ ସିଲ୍‌ସିଲା ସମ୍ମାନନୀୟ ସ୍ୱର୍ଗତ ଇସା ଜୌଫ୍ ସାହେବଙ୍କର ନମାଜ ଯନାଜାଃ ଗାଏବ, ମୃତକମାନଙ୍କର ଉତ୍ତମ ଚର୍ଚ୍ଚା ।**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 23 Dec 2022 ମସିହା ଅନୁଯାୟୀ ୨୩ ଫତହ୍ / ୧୪୦୧ ହିଜ୍ରୀ ଶମ୍‌ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ଆଜି ଠାରୁ କାଦିୟାନ୍ ଏବଂ ଅନ୍ୟ କେତେକ ଅଫ୍ରିକୀୟ ଦେଶମାନଙ୍କରେ ଜଲ୍‌ସା ସାଲାନା ଆରମ୍ଭ ହେଉଅଛି । ଅଲ୍ଲାଃତାଲା ପ୍ରତ୍ୟେକ ଦେଶର ଜଲ୍‌ସାକୁ ପ୍ରତ୍ୟେକ ଦୃଷ୍ଟିର କଲ୍ୟାଣମୟ ଏବଂ ସାଫଲ୍ୟମଣ୍ଡିତ କରନ୍ତୁ । **ଇନ୍‌ଶାଅଲ୍ଲାଃ** ଆସନ୍ତା ରବିବାର ଦିନ ଜଲ୍‌ସା ସାଲାନାର ଶେଷ ଦିବସରେ କାଦିୟାନ ଜଲ୍‌ସା ସାଲାନାରୁ ମୁଁ ଯେଉଁ ଉଦ୍‌ବୋଧନ ଦେବି ତହିଁରେ ଅଫ୍ରିକୀୟ ମହାଦେଶର ୭/୮ଟି ଦେଶ ମଧ୍ୟ ସାମିଲ ହୋଇଯିବେ । ତହିଁରେ ଏହି ପ୍ରୟାସ କରାଯିବ ଯେ, ସେହି ସମସ୍ତ ଦେଶମାନଙ୍କୁ ଏମ.ଟି.ଏ ମାଧ୍ୟମରେ ସିଧାସଳଖ ଏକତ୍ରିତ କରିଦିଆଯାଉ । ସେ ଯାହା ହେଉ ନା କାହିଁକି ଆଜି ଯେତେବେଳେ ସେହି ଦେଶମାନଙ୍କରେ ଯେଉଁଠି ଲୋକମାନେ ଏକତ୍ରିତ ହୋଇ ଖୁତ୍‌ବା ଶୁଣୁଛନ୍ତି ଏବଂ ଲୋକମାନେ ଅତ୍ୟନ୍ତ ଧ୍ୟାନର ସହିତ ଖୁତ୍‌ବା ଓ ଉଦ୍‌ବୋଧନ ଶୁଣିବା ନିମନ୍ତେ ଏକ ବିଶେଷ ପରିବଶ ସୃଷ୍ଟି ହୋଇଛି । ତେବେ ସେହି ଦୃଷ୍ଟିରୁ ଇତ୍ୟବସରରେ ମୁଁ ଏହା ଉଚିତ ବୋଲି ମନେ କଲି ଯେ, ହ. ମସିହ୍ ମଉଦ୍ ଅ.ସଙ୍କ ଶବ୍ଦରେ ସେହି କଥାଗୁଡ଼ିକୁ ଉପସ୍ଥାପିତ କରି ଦେଉଛି ଯାହା ଆପଣ ଅ.ସଙ୍କ ଆଗମନ,

ଏବଂ ଆବିର୍ଭାବର ଓ ଜମାଅତ୍‌ର ଅଭିପ୍ରାୟ ସଂପର୍କରେ ବର୍ଣ୍ଣନା କରାଯାଇଛି ଓ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିଭିନ୍ନ ଉପଦେଶ ମଧ୍ୟ ପ୍ରଦାନ କରାଯାଇଛି । ଅନେକ ନବ ଦୀକ୍ଷିତ ଓ ନୂତନ ବଂଶଧର ଅହେମଦିମାନେ ମଧ୍ୟ ସେହି ଜଲ୍‌ସାମାନଙ୍କରେ ସାମିଲ୍ ହେବେ । ଯେଉଁମାନଙ୍କ ପର୍ଯ୍ୟନ୍ତ ହ. ମସିହ୍ ମଉଦ୍ ଅ.ସଙ୍କ ଏହି ବାର୍ତ୍ତା ପହଞ୍ଚି ନାହିଁ ତେବେ ସେମାନଙ୍କୁ ମଧ୍ୟ ଏହା ଜାଣି ରଖିବା ଉଚିତ ଯେ, ଏହି ଦିନମାନଙ୍କରେ ନିଜର ବିଶ୍ୱାସ, ନିଷ୍ଠା ଓ ବିଶ୍ୱସ୍ତତାରେ ଉନ୍ନତି କରନ୍ତୁ ଏବଂ ଅଲ୍ଲାଃତାଲାଙ୍କର ସାହାଯ୍ୟ ଭିକ୍ଷା କରି ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଅଭିପ୍ରାୟ ଏବଂ ନିଜର ଦାୟିତ୍ୱ ସଂପର୍କରେ ଆପଣମାନେ ସମ୍ୟକ ଜ୍ଞାନ ଆହରଣ କରିପାରିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଜମାଅତ୍ ଅହେମଦିୟା ସ୍ଥାପନ କରିବାର କେଉଁ ଅଭିପ୍ରାୟ ରହିଥିଲା ଏବଂ କାହିଁକି ଏହି ଯୁଗରେ ଜମାଅତ୍ ସ୍ଥାପନ କରିବାର ଆବଶ୍ୟକତା ପଡ଼ିଲା ? ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, ଏହି ଯୁଗ କେତେ କଲ୍ୟାଣମୟ ଓ ସମୃଦ୍ଧମୟ ଯୁଗ ଯେ ଅଲ୍ଲାଃତାଲା ସେହି ଘଡ଼ିସନ୍ଧି ଦିନମାନଙ୍କରେ କେବଳ ନିଜର କୃପା ବଳରେ ଆଁହଜରତ ସ.ଅଙ୍କ ଦ୍ୱାରା ଆନୀତ ଧର୍ମର ପରିପ୍ରକାଶ ତଥା ପୁନରୁତ୍ଥାନ ନିମନ୍ତେ ଏହି ପୁଣ୍ୟ ଅଭିଳାଷା ପରିପ୍ରକାଶ କରିଛନ୍ତି । ସେ ଆଦୃଷ୍ଟ ଭାବରେ ଇସ୍‌ଲାମ୍ ଧର୍ମର ସାହାଯ୍ୟ ନିମନ୍ତେ ବ୍ୟବସ୍ଥା କଲେ ଏବଂ ପରମ୍ପରାଗତ ଭାବରେ ଏକ ସଂପ୍ରଦାୟ ସ୍ଥାପନ କଲେ ଯାହାର ନାମ ଜମାଅତ୍ ଅହେମଦିୟା ଅଟେ । ଯେଉଁ ଲୋକମାନେ ନିଜ ମନରେ ଇସ୍‌ଲାମ୍ ଧର୍ମ ପ୍ରତି ସମବେଦନା ସମ୍ମାନ ତଥା ମର୍ଯ୍ୟାଦା ରଖନ୍ତି ସେମାନଙ୍କୁ ମୁଁ ଏହି ପ୍ରଶ୍ନ ପଚାରୁଛି ଯେ, କ'ଣ କୌଣସି ଯୁଗ ଏହି ଯୁଗ ଠାରୁ ଅଧିକ କ୍ଲିଷ୍ଟ ଭାବରେ ଅତିକ୍ରାନ୍ତ ହୋଇଛି ଯେଉଁ ଯୁଗରେ ବିରୋଧୀମାନେ ଆଁହଜରତ ସ.ଅଙ୍କ ପ୍ରତି ଏତେ ଅନ୍ୟାୟ, ଅତ୍ୟାଚାର କରିଥିବେ । ପୁନଶ୍ଚ ମୁସଲମାନମାନଙ୍କର ଏତାଦୃଶ ଅବସ୍ଥାକୁ ଦେଖି ମୁଁ ଅତ୍ୟନ୍ତ ଦୁଃଖିତ, ମର୍ମାହତ ଓ ବେଳେବେଳେ ମୁଁ ଏହି ବ୍ୟଥା ଯୋଗୁଁ ଅଧୀର ଓ ବ୍ୟଥିତ ହୋଇପଡ଼ିଛୁ ଯେ, ମୁସଲମାନମାନଙ୍କ ମଧ୍ୟରେ ଏତିକି ବିବେକ ବାକି ରହିଲା ନାହିଁ ଯେ, ସେମାନେ ଏହି ତିରସ୍କାରକୁ ଅନୁଭବ ତଥା ଗ୍ରହଣ କରିନେବେ । କ'ଣ ଅଲ୍ଲାଃତାଲାଙ୍କୁ ଆଁହଜରତ ସ.ଅଙ୍କ ସମ୍ମାନ ତଥା ମର୍ଯ୍ୟାଦା ପ୍ରତି ସାମାନ୍ୟ ଚିନ୍ତା ମଧ୍ୟ ନଥିଲା ଯେ, ସେ ଆଁହଜରତ ସ.ଅଙ୍କ ପ୍ରତି ହୋଇଥିବା ଏଭଳି ଅନ୍ୟାୟ, ଅତ୍ୟାଚାର, ଅସମ୍ମାନ ଏବଂ ନିନ୍ଦା ଦେଖିବା ସତ୍ତ୍ୱେ ବିହିତ ପଦକ୍ଷେପ ସ୍ୱରୂପ କୌଣସି ଆକାଶୀୟ ସଂପ୍ରଦାୟ ସ୍ଥାପନ କରିବେ ନାହିଁ? ସେହିପରି ସେ ବିରୋଧୀମାନଙ୍କର ମୁହଁ ବନ୍ଦ କରି ଆପଣ ସ.ଅଙ୍କ ସମ୍ମାନ ଏବଂ ପବିତ୍ରତାକୁ ସଂସାରରେ ପ୍ରସାରିତ କରିଥାଆନ୍ତେ କି ? ଏହାର ବିପରୀତ ଅଲ୍ଲାଃତାଲା ସ୍ୱୟଂ ଓ ତାହାଙ୍କ ଈଶ୍ୱରଦୂତମାନେ ମଧ୍ୟ ତାହାଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେବା ନିମନ୍ତେ ପ୍ରାର୍ଥନା କରନ୍ତି । ଅତଏବ ଏହି କଥାର ପରିପ୍ରକାଶ ପାଇଁ ଅଲ୍ଲାଃତାଲା ସ୍ୱୟଂ ଏହି ସଂପ୍ରଦାୟ ସ୍ଥାପନ କରିଛନ୍ତି ।

**(ମଲ୍‌ଫୁଜାତ୍, ଭାଗ-5, ପୃ-13-14, ସଂସ୍କରଣ ବର୍ଷ-1984 ମସିହା)**

ଅତଏବ ଏହା ଆମମାନଙ୍କର କର୍ତ୍ତବ୍ୟ ଯେ, ଯେଁଉମାନେ ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଛନ୍ତି ଏବଂ ଏହି ସଂପ୍ରଦାୟରେ ସାମିଲ ହୋଇ ନିଜର ଅବସ୍ଥାକୁ ସୁଧାରିବା ଏବଂ ସଂଶୋଧନ କରିବାକୁ ଅଭିଳାଷୀ ଅଟନ୍ତି । ଅନ୍ୟ ପଟରେ ସେମାନେ ଆଁହଜରତ ସ.ଅଙ୍କ ଉପରେ ଦୁରୁଦ୍ ମଧ୍ୟ ପ୍ରେରଣ କରନ୍ତୁ ଏବଂ ଏହି ଦିନମାନଙ୍କରେ ବିଶେଷ କରି ଦୁରୁଦ୍ ଶରୀଫ୍ ପ୍ରେରଣ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ରହିବା ଉଚିତ । ଆମେମାନେ ଯେତେବେଳେ ଆଁହଜରତ ସ.ଅଙ୍କ ଉପରେ ଅଧିକରୁ ଅଧିକ ଦୁରୁଦ୍ ଶରୀଫ୍ ପ୍ରେରଣ କରିବୁ ସେତେବେଳେ ସେହି ଅଭିପ୍ରାୟକୁ ଚରିତାର୍ଥ କରୁଥିବା ବ୍ୟକ୍ତି ରୂପେ ମଧ୍ୟ ପରିଗଣିତ ହେବୁ । ଆଁହଜରତ ସ.ଅଙ୍କ ସେହି ସମ୍ମାନ ଏବଂ ମର୍ଯ୍ୟାଦା ତଥା ଖ୍ୟାତିକୁ ପୁନଃ ସ୍ଥାପନ କରିବା ପାଇଁ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ନିଜ ଆଗମନ ଏବଂ ଆବିର୍ଭାବର ଅଭିପ୍ରାୟ ସଂପର୍କରେ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଅଲ୍ଲାଃତାଲା ମୋତେ ଏଇଥିପାଇଁ ପ୍ରେରଣ କରିଛନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ହଜି ଯାଇଥିବା ସେହି ଖ୍ୟାତିକୁ ଫେରାଇ ଆଣି ତାହାକୁ ପୁନଃ ସ୍ଥାପନ କିରଦେବି ଓ ପବିତ୍ର କୁରଆନ୍ କରୀମ୍‌ର ସତ୍ୟତାକୁ ସଂସାରବାସୀଙ୍କୁ ଦେଖାଇ ପାରିବି । ଏହି ସମସ୍ତ କାର୍ଯ୍ୟ ସମ୍ପାଦିତ ହେଉଅଛି, କିନ୍ତୁ ଯେଉଁମାନଙ୍କ ଆଖିରେ (ଅନ୍ଧ) ପୁଚ୍ଛୁଳିକା ପଡ଼ିଛି ସେମାନେ ଏହାକୁ ଦେଖି ପାରିବେ ନାହିଁ । ଯଦିଓ ବର୍ତ୍ତମାନ ଏହି ସଂପ୍ରଦାୟ ସୂର୍ଯ୍ୟ ପରି ଆଲୋକିତ ହୋଇଯାଇଛି ଏବଂ ଅଲ୍ଲାଃତାଲାଙ୍କର ନିଦର୍ଶନ ଏବଂ ଲକ୍ଷଣର ଏତେ ସଂଖ୍ୟକ ଲୋକମାନେ ସାକ୍ଷୀ ଅଟନ୍ତି ଯେ, ଯଦି ସେହି ନିଦର୍ଶନଗୁଡ଼ିକୁ ଗୋଟିଏ ସ୍ଥାନରେ ଏକତ୍ରିତ କରାଯାଏ ତେବେ ସେହି ନିଦର୍ଶନ (ଓ ସାକ୍ଷ୍ୟ ପ୍ରଦାନ କରିଥିବା ବ୍ୟକ୍ତିଙ୍କ) ସଂଖ୍ୟା ଏତେ ଅଧିକ ଯେ, ଭୂପୃଷ୍ଠରେ କୌଣସି ସମ୍ରାଟର ମଧ୍ୟ ଏତେ ସୈନ୍ୟ ସାମନ୍ତ ମଧ୍ୟ ନଥିବେ ।

ଆଜି ପୃଥିବୀର ବିଭିନ୍ନ ପ୍ରାନ୍ତରେ ଯେଉଁ ଜଲ୍‌ସାମାନ ଆୟୋଜିତ ହେଉଅଛି ଏବଂ ହଜାର ହଜାର ସଂଖ୍ୟାରେ ଅହେମଦିମାନେ ସେହି ଜଲ୍‌ସାମାନଙ୍କରେ ସାମିଲ୍ ହେଉଛନ୍ତି, ତାହା ସେହି ନିଦର୍ଶନ ମଧ୍ୟରୁ ଅନ୍ୟତମ ଏକ ନିଦର୍ଶନ ଅଟେ। ଆପଣ ଅ.ସ କୁହନ୍ତି ଯେ, ଉକ୍ତ ସଂପ୍ରଦାୟର ସତ୍ୟତାର ଏତେ ଅଗଣିତ ପ୍ରମାଣ ରହିଛି ଯେ, ସେହି ସମସ୍ତ ପ୍ରମାଣକୁ ବର୍ଣ୍ଣନା ଓ ବ୍ୟାଖ୍ୟା କରିବା ସହଜ ସାଧ୍ୟ ନୁହେଁ । କାରଣ ଇସ୍‌ଲାମ୍ ଧର୍ମର ଘୋର ଅପମାନ କରାଯାଇଥିଲା । ତେଣୁ ଅଲ୍ଲାଃତାଲା ସେହି ଅପମାନ ଦୃଷ୍ଟିରୁ ଏହି ସଂପ୍ରଦାୟର ମାହାତ୍ମ୍ୟ ଏବଂ ମର୍ଯ୍ୟାଦାକୁ ଦର୍ଶାଇଛନ୍ତି ।

**(ମଲ୍‌ଫୁଜାତ୍, ଭାଗ-5, ପୃ-14, ସଂସ୍କରଣ ବର୍ଷ-1984 ମସିହା)**

ଆପଣ ଅ.ସ ପୁନଶ୍ଚ କୁହନ୍ତି, ଏହି ଯୁଗଟି ମଧ୍ୟ ଆଧ୍ୟାତ୍ମିକ ଯୁଦ୍ଧର ଯୁଗ ଅଟେ। ଶୈତାନ୍ ସହିତ ଯୁଦ୍ଧ ପ୍ରାରମ୍ଭ ହୋଇଛି । ଶୈତନ୍ ନିଜର ସମସ୍ତ ଅସ୍ତ୍ରଶସ୍ତ୍ର ଏବଂ ସମସ୍ତ ପ୍ରକାରର ଆଳକୁ ଘେନି ଇସ୍‌ଲାମ୍ ଧର୍ମର ଦୁର୍ଗ ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହୋଇଛି । ସେ ଏହା ଚାହୁଁଛି ଯେ, ଇସ୍‌ଲାମ୍ ଧର୍ମ ପରାଜିତ ହୋଇଯାଉ । କିନ୍ତୁ ଅଲ୍ଲାଃତାଲା ବର୍ତ୍ତମାନ ଶୈତାନ୍‌ର ସେହି ଶେଷ ଯୁଦ୍ଧରେ ତାହାକୁ ସବୁଦିନ ପାଇଁ ପରାଜିତ କରିଦେବା ନିମନ୍ତେ ଏହି ସଂପ୍ରଦାୟକୁ ସ୍ଥାପନ କିରଛନ୍ତି । ସୁତରାଂ ଏହି କଥା ବା ମମର୍କୁ ପ୍ରତ୍ୟେକ ଅହେମଦିକୁ ସ୍ମରଣ ରଖି ନିଜ ନିଜର କର୍ତ୍ତବ୍ୟବୋଧ ପ୍ରତି ଧ୍ୟାନ ଦେବା ଉଚିତ ।

ଆପଣ ଅ.ସ କହୁନ୍ତି: " ପବିତ୍ର ହେଉଛି ସେହି ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କର ସେହି ଯୁଗାବତାର ଏବଂ ଧର୍ମାଧ୍ୟକ୍ଷଙ୍କୁ ଚିହ୍ନେ । କିନ୍ତୁ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ଏହାର ପ୍ରତିବଦଳ ଅବଶ୍ୟ ପ୍ରଦାନ କରିବେ । ସେହି ସମୟଟି ଖୁବ୍ ନିକଟବର୍ତ୍ତୀ ଯେତେବେଳେ ଅଲ୍ଲାଃତାଲା ଏହି ସଂପ୍ରଦାୟର ସତ୍ୟତାକୁ ସୂର୍ଯ୍ୟ ଠାରୁ ଅଧିକ ଉଜ୍ଜ୍ୱଳମୟ କରି ଦେଖାଇଦେବେ । ଅନ୍ତିମ ସମୟରେ ଯେଉଁ ବ୍ୟକ୍ତି ପ୍ରଭୁଙ୍କ ଉପରେ ବିଶ୍ୱାସ ସ୍ଥାପନ କରେ ତେବେ ଅନ୍ତିମ ଅବସ୍ଥାର ସ୍ଥାପନ କରାଯାଇଥିବା ବିଶ୍ୱାସ ପ୍ରତିବଦଳର କାରଣ ସାଜିବ ନାହିଁ ବରଂ କ୍ଷମା ଯାଚନାର ଦ୍ୱାର ବନ୍ଦ ହେବାର ଚରିତାର୍ଥ ହେବ । ବର୍ତ୍ତମାନ ମୋତେ ସ୍ୱୀକାର କରିଥିବା ବ୍ୟକ୍ତିମାନଙ୍କୁ ପ୍ରକାଶ୍ୟ ରୂପେ ନିଜ ଆତ୍ମା ସହିତ ଏକ ଯୁଦ୍ଧ କରିବାକୁ ପଡ଼ିଥାଏ । ବେଳେବେଳେ ଉକ୍ତ ବ୍ୟକ୍ତିକୁ ନିଜର ଆତ୍ମୀୟ ସ୍ୱଜନମାନଙ୍କ ଠାରୁ ପୃଥକ ହେବାକୁ ପଡ଼ିବ । ତା'ର ସାଂସାରିକ ବ୍ୟାପାରରେ ବ୍ୟାଘାତ ସୃଷ୍ଟି କରିବା ପାଇଁ ଉଦ୍ୟମ କରାଯିବ। ଉକ୍ତ ବ୍ୟକ୍ତିକୁ ଗାଳିଗୁଲଚ ମଧ୍ୟ ଶୁଣିବାକୁ ପଡ଼ିବ । ଲୋକମାନେ ତା'କୁ ଅଭିଶାପ ଦେବେ । କିନ୍ତୁ ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କୁ ଏହାର ପ୍ରତିବଦଳ ଅବଶ୍ୟ ପ୍ରଦାନ କରିବେ । ତେଣୁ ଭାଗ୍ୟଶାଳୀ ହେଉଛନ୍ତି ସେହି ବ୍ୟକ୍ତିମାନେ ଯେଉଁମାନେ ଆଜି ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିଛନ୍ତି ଏବଂ କରୁଅଛନ୍ତି । ସେହିପରି ସେହି ସୌଭାଗ୍ୟଶାଳୀ ବ୍ୟକ୍ତିମାନେ ବିରୋଧୀମାନଙ୍କର ସମସ୍ତ ପ୍ରକାରର ବିରୋଧର ସମ୍ମୁଖୀନ ହୋଇ ଅଲ୍ଲାଃତାଲାଙ୍କ ପ୍ରସନ୍ନତା, ଅନୁଗ୍ରହତା ଏବଂ ପ୍ରେମକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ବିବେଚିତ ହେଉଛନ୍ତି ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: କିନ୍ତୁ ଯେତେବେଳେ ଦ୍ୱିତୀୟ ସମୟ ଆସିଲା "ଅର୍ଥାତ ଯେତେବେଳେ ସେହି ଯୁଗଟି ଆସିବ" ଓ ଏତେ ବ୍ୟାପକ ରୂପେ ସଂସାରାବାସୀମାନେ ପ୍ରତ୍ୟାବର୍ତ୍ତନ କରିବେ ଯେପରି ଏକ ଉଚ୍ଚ ଜଳ ପ୍ରପାତରୁ ଜଳ ତଳକୁ ପଡ଼ିଥାଏ । "ଅର୍ଥାତ ଯେତେବେଳେ ଉନ୍ନତିର ଯୁଗ ଆସିବ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଏବଂ କୌଣସି ପ୍ରତ୍ୟାଖ୍ୟାନକାରୀ ଦୃଶ୍ୟମାନ ନହୁଏ ତେବେ ସେତେବେଳେ ସ୍ୱୀକାରୋକ୍ତିର କେଉଁ ସ୍ତରର ହେବ ତାହା ଅନୁମେୟ ? ସେତେବେଳେ ସ୍ୱୀକାର କଲା ତ' କ'ଣ ସ୍ୱୀକାର କଲା ? ତେଣୁ ସେତେବେଳେ ଯୁଗାବତାରଙ୍କୁ ସ୍ୱୀକାର କରିବା କୌଣସି ସାହସିକତାର କାର୍ଯ୍ୟ ନୁହେଁ । ପୁଣ୍ୟ ସର୍ବଦା ଦୁଃଖ ସମୟରେ ହିଁ ପ୍ରାପ୍ତ ହୋଇଥାଏ ।"

ହ. ମସିହ୍ ମଉଦ୍ ଅ. କହୁନ୍ତି: ହ. ଅବୁ ବକର ର.ଅ ଆଁହଜରତ ସ.ଅଙ୍କୁ ସ୍ୱୀକାର କରି ଯଦି ମକ୍କାର ସଭ୍ୟପଦ ପରିତ୍ୟାଗ କରିଦେଲେ ତେବେ ଅଲ୍ଲାଃତାଲା ତାଙ୍କୁ ଏକ ସାଂସାରିକ ସମ୍ରାଟତ୍ୱ ପଦବୀ ପ୍ରଦାନ କଲେ । ପୁନଶ୍ଚ ହ. ଉମର୍ ର.ଅ ମଧ୍ୟ କମ୍ବଳ ପରିଧାନ କରିନେଲେ ଓ "ہر چہ بادا باد ما کشتی در آب انداختیم" (ହର୍ ଚେ ବାଦା ବାଦ୍ ମା କିଶ୍ତି ଦର୍ ଆବେ ଅନ୍ଦାଖ୍ତେମ୍)" ଅର୍ଥାତ ମୁଁ ଡଙ୍ଗାକୁ ପାଣି ମଧ୍ୟରେ ଅବତୀର୍ଣ୍ଣ କରାଇ ଦେଇଛି ବର୍ତ୍ତମାନ ପରିଣାମ ଯାହା ହେବ ଦେଖାଯିବ। ଉକ୍ତ ଆପ୍ତ ବାକ୍ୟର ଚରିତାର୍ଥ ହୋଇ ଆପଣ ଅ.ସଙ୍କୁ ଯଦି ସ୍ୱୀକାର କରାଯାଏ ତେବେ କ'ଣ ଈଶ୍ୱର ସେମାନଙ୍କର ପୁଣ୍ୟର କୌଣସି ଅଂଶ ରଖିନେଲେ କି ? କଦାପି ନୁହଁ । ଯେଉଁ ବ୍ୟକ୍ତି ଭଗବାନଙ୍କ ସକାଶେ ଆନ୍ଦୋଳିତ ହୁଏ ଯେପର୍ଯ୍ୟନ୍ତ ସେ ସେହି ପୁଣ୍ୟର ଫଳ ପ୍ରାପ୍ତ କରିନେଇ ନାହିଁ ସେପର୍ଯ୍ୟନ୍ତ ସେ କେବେହେଲେ ମୃତ୍ୟୁ ବରଣ କରିବ ନାହିଁ । ତେଣୁ ଅନ୍ଦୋଳନ ବା କ୍ରିୟା ପ୍ରତିକ୍ରିୟା ସର୍ତ୍ତ ରହିଛି । ଏକ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, ଯଦି କୌଣସି ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଡ଼କୁ ସାଧାରଣ ମନ୍ଥର ଗତିରେ ଆସେ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତି ଆଡ଼କୁ ତ୍ୱରିତ ବେଗରେ ଦଉଡ଼ି ଆସନ୍ତି ।

ବିଶ୍ୱାସ କହିଲେ ଏହା ବୁଝାଯାଏ ଯେ, ଯଦି କିଛି ଗୁପ୍ତ ପ୍ରସଙ୍ଗ ଥାଏ ତେବେ ତାହାକୁ ସାଦରରେ ସ୍ୱୀକାର କରିନେବା ଉଚିତ୍ । ଯେଉଁ ବ୍ୟକ୍ତି ନବ ଚନ୍ଦ୍ରକୁ ଦେଖିନିଏ ତେବେ ସେହି ବ୍ୟକ୍ତି ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ରୂପେ ବିବେଚିତ ହୁଏ । "ଅର୍ଥାତ ପ୍ରଥମ ଦିନର ଚନ୍ଦ୍ରକୁ ଦେଖିନିଏ ତେବେ ସେହି ବ୍ୟକ୍ତି ତୀକ୍ଷ୍ଣ ଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ରୂପେ ବିବେଚିତ ହୁଏ" । କିନ୍ତୁ ଚତୁର୍ଦ୍ଦଶ ଦିବସର ଚନ୍ଦ୍ରକୁ ଦେଖି କୋଳାହଳ କରୁଥିବା ବ୍ୟକ୍ତି ଯଦି ଏହା କୁହେ କି ମୁଁ ଚନ୍ଦ୍ରକୁ ଦେଖି ନେଇଛି ତେବେ ସେହି ବ୍ୟକ୍ତିକୁ ପାଗଳ ବୋଲି କୁହାଯିବ । "

**(ମଲ୍‌ଫୁଜାତ୍, ଭାଗ-5, ପୃ-25-26, ପ୍ରକାଶନ ବର୍ଷ-1984 ମସିହା)**

ଅତଏବ ସୌଭାଗ୍ୟଶାଳୀ ବ୍ୟକ୍ତି ହେଉଛନ୍ତି ସେହିମାନେ ଯେଉଁମାନେ ଆଜି ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରୁଛନ୍ତି ଏବଂ ବିରୋଧୀମାନଙ୍କର ସମ୍ମୁଖୀନ ହୋଇ ଅଲ୍ଲାଃତାଲାଙ୍କ ପ୍ରେମକୁ ପ୍ରାପ୍ତକାରୀ ବ୍ୟକ୍ତି ରୂପେ ପରିଗଣିତ ହେଉଛନ୍ତି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, କେବଳ ଯୁଗାବତାର ହ. ମସିହ୍ ମଉଦ୍ ଅ.ସଙ୍କୁ ସ୍ୱୀକାର କରିନେବା ଯଥେଷ୍ଟ ନୁହଁ ବରଂ ତାହାଙ୍କୁ ସ୍ୱୀକାର କରିବାର ପ୍ରକୃତ ମର୍ମ ହେଉଛି ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବା ଉଚିତ ଏବଂ ପୂର୍ଣ୍ଣ ଏକେଶ୍ୱରବାଦର ମାର୍ଗରେ ନିଜକୁ ଅଗ୍ରସର ତଥା ପରିଚାଲିତ ହେବାକୁ ଉଦ୍ୟମ କରନ୍ତୁ । ଅତଏବ ଆପଣମାନେ ଯଦି ଏହିପରି ଭାବରେ ନିଜର ପାଦକୁ ଆଗକୁ ବଢାଇବେ ତେବେ ସେ ପରିପ୍ରେକ୍ଷୀରେ ଅଲ୍ଲାଃତାଲାଙ୍କର କୃପା ମଧ୍ୟ ବୃଦ୍ଧି ପାଇବ ଏବଂ ଆପଣମାନେ ସେହି କୃପାର ପ୍ରକୃତ ଅଧିକାରୀ ମଧ୍ୟ ହୋଇପାରିବେ । ସୁତରାଂ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ପ୍ରତି ଭୟ ପ୍ରଦର୍ଶନ କରି ତାହାଙ୍କ ମାର୍ଗ ଅନୁସନ୍ଧାନ କରିବାକୁ ପ୍ରାର୍ଥନା କରନ୍ତି ତେବେ ଅଲ୍ଲାଃତାଲା ନିଜର ବିଧିର ବିଧାନ وَالَّذِيْنَ جَاهَدُوْا فِيْنَا لَنَهْدِيَنَّهُمْ سُبُلَنَا (ଅଲ୍ ଅନକବୁତ୍:୯୨)। ଅର୍ଥାତ ଯେଉଁ ବ୍ୟକ୍ତିମାନେ ଆମ୍ଭ ସଂକ୍ରାନ୍ତରେ ଏବଂ ଆମ୍ଭ ମାର୍ଗ ସଂକ୍ରାନ୍ତରେ ଅନୁସନ୍ଧାନ କରନ୍ତି ଓ ଏଥି ନିମନ୍ତେ ଉଦ୍ୟମ କରନ୍ତି ତେବେ ଆମ୍ଭେ ସେମାନଙ୍କୁ ଅବଶ୍ୟ ନିଜର ମାର୍ଗଦର୍ଶନ କରିଥାଉ । ଉକ୍ତ ଆୟତ୍ ଅନୁଯାୟୀ ପ୍ରଭୁ ସ୍ୱୟଂ ଉଦ୍ୟମକାରୀର ହସ୍ତ ଧରି ତା'କୁ ବାଟ କଢାଇ ଆଣିଥାନ୍ତି ଓ ତା'ର ହୃଦୟକୁ ଶାନ୍ତି ଓ ସନ୍ତୁଷ୍ଟି ପ୍ରଦାନ କରିଥାନ୍ତି । ଯଦି ହୃଦୟ ସ୍ୱୟଂ ଅନ୍ଧକାରରରେ ପରିପୂର୍ଣ୍ଣ ଓ ତୁଣ୍ଡ ଦୁଆ ଦ୍ୱାରା ପୂର୍ଣ୍ଣ ହୋଇ ନଥାଏ ଏବଂ ଆତ୍ମା ଶିର୍କ ତଥା ବିଦଅତ୍ (ନୂତନ ଆହୃତ ରୀତି) ଦ୍ୱାରା ପରିପୂର୍ଣ୍ଣ ଥାଏ ତେବେ ସେହି ପ୍ରକାର ଦୁଆର କୌଣସି ମୂଲ୍ୟ ନାହିଁ ଏବଂ ସେହି ଅଭିଳାଷା ଅଭିଳାଷା ନୁହେଁ ଯଦ୍ଦ୍ୱାରା ଉତ୍ତମ ଫଳାଫଳ ବାହାରେ ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟ ପୂର୍ଣ୍ଣ ନିଷ୍ଠା ଦ୍ୱାରା ସମସ୍ତ ଅବୈଧ ଓ ଅନୈତିକ ମାର୍ଗକୁ ନିଜ ପାଇଁ ବନ୍ଦ କରି ନନେଇଛି (ଅର୍ଥାତ ପରିହାର କରି ନନେଇଛି) ଏବଂ ଅଲ୍ଲାଃତାଲାଙ୍କ ନିକଟରେ ଭିକ୍ଷା ପ୍ରାର୍ଥନା କରି ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତି ଏଥିପାଇଁ ପ୍ରକୃତ ବ୍ୟକ୍ତିର ଅଧିକାରୀ ହୋଇପାରିବ ନାହିଁ ଯେ, ତାହାକୁ ଅଲ୍ଲାଃତାଲାଙ୍କ ସାହାଯ୍ୟ ଏବଂ ସମର୍ଥନ ପ୍ରାପ୍ତ ହୋଇପାରିବ । କିନ୍ତୁ ସେ ଯେତେବେଳେ ପ୍ରଭୁଙ୍କ ଦ୍ୱାର ସମ୍ମୁଖରେ ନତମସ୍ତକ ଓ ତାହାଙ୍କ ନିକଟରେ ଆକୁଳ ନିବେଦନ ହୋଇ ଦୁଆ (ପ୍ରାର୍ଥନା) କରେ ସେତେବେଳେ ତା'ର ଏବି ଅବସ୍ଥା ପ୍ରଭୁଙ୍କ ସାହାଯ୍ୟ ଓ କୃପାକୁ ଆକର୍ଷିତ କରିଥାଏ ।

ଅଲ୍ଲାଃତାଲା ଆକାଶ ଲୋକରୁ ମନୁଷ୍ୟର ହୃଦୟ କନ୍ଦରରେ ଉଣ୍ଡି ଦେଖୁଥାନ୍ତି। ସେ ଦେଖୁଛନ୍ତି ଯେ, ଯଦି ତାହାର(ଉଦ୍ୟମକାରୀ/ମୁଜାହିଦ୍‌ର) ହୃଦୟ ପ୍ରତ୍ୟେକ ପ୍ରକାରର ଆତ୍ମିକ ସ୍ୱାର୍ଥ ଠାରୁ ପବିତ୍ର ତେବେ ପ୍ରଭୁ ତା' ପାଇଁ ନିଜ କୃପାର ଦ୍ୱାର ଉନ୍ମୁକ୍ତ କରିଥାନ୍ତି ଏବଂ ତାହାକୁ ନିଜର ଛତ୍ରଛାୟା ତଳେ ଆସ୍ରା ଦେଇ ସ୍ୱୟଂ ତା'ର ଲାଳନ ପାଳନର ଦାୟିତ୍ୱ ବହନ କରି ନିଅନ୍ତି । ଯଦି ତା' ମନର କୌଣସି କୋଣରେ ବି ଶିର୍କ (ଈଶ୍ୱରଙ୍କ ସହିତ ସମକକ୍ଷ କରିବା) ଏବଂ ବିଦ୍ଅତ୍ (ନୂତନ ଆହୃତ ରୀତି)ର ତିଳେ ମାତ୍ର ଅଂଶ ଥାଏ ତେବେ ଅଲ୍ଲାଃତାଲା ତାହାର ପ୍ରାର୍ଥନା ଏବଂ ତାହାର ଉପାସନାକୁ ତା' ପାଟିରେ ହିଁ ଲେଉଟାଇ ଦିଅନ୍ତି (ଅର୍ଥାତ ତାହାକୁ ସ୍ୱୀକାର କରନ୍ତି ନାହିଁ) ।

ହୁଜୁର୍ ଅ.ସ କହିଲେ: "ଅଲ୍ଲାଃତାଲା ଏହି ସଂପ୍ରଦାୟକୁ ସ୍ୱହସ୍ତରେ ସ୍ଥାପନ କରିଛନ୍ତି ଓ ଆମେ ଦେଖୁଛେ ଯେ, ଅନେକ ଲୋକମାନେ ଯେଉଁମାନେ ଆମ ସଂପ୍ରଦାୟକୁ ଆସନ୍ତି ସେମାନେ ସ୍ୱାର୍ଥପର ବ୍ୟକ୍ତି ଅଟନ୍ତି । ସେମାନଙ୍କର ସ୍ୱାର୍ଥ ସାଧନ ହୋଇଗଲା ତ' ଠିକ୍ ଅଛି ଅନ୍ୟଥା କେଉଁଠି ଧର୍ମ ଓ କେଉଁଠି ବିଶ୍ୱାସ ? କେତେକ ଲୋକମାନେ ବୈଅତ୍ କୌଣସି ଉଦ୍ଦେଶ୍ୟ ରଖି କରିଥାନ୍ତି । ଏହାର ଅତିରିକ୍ତ ଚର୍ଚ୍ଚା ଆପଣ ଅ.ସ ଅନ୍ୟ ସ୍ଥାନରେ ଏହିପରି କରିଛନ୍ତି । ଆପଣ ଅ.ସ କୁହନ୍ତି ଯେ, ସେମାନଙ୍କର (ସ୍ୱାର୍ଥପର ବ୍ୟକ୍ତିଙ୍କର) ମୂଳ ଉଦ୍ଦେଶ୍ୟ ଶିର୍କ ହୋଇଥାଏ। ସେମାନଙ୍କ ହୃଦୟ ଉପରେ ଏକ ଆବରଣ ଥାଏ । ଯଦି ମନୁଷ୍ୟ ବୈଅତ୍ ବି କରିଛି ତେବେ ତାହା ନିଜ ପାଇଁ ଓ ଅନ୍ୟମାନଙ୍କ ପାଇଁ ପଦାଘାତର କାରଣ ସାଜନ୍ତି ।"

ଆମର ସଂପ୍ରଦାୟ ତ' ଏପରି ହେବା ଉଚିତ ଯେ, ମନୁଷ୍ୟ ସ୍ୱାର୍ଥପରତାକୁ ପରିହାର କରି ଏକେଶ୍ୱରବାଦମୂଳକ ନିଷ୍ଠାର ମାର୍ଗରେ ଅଗ୍ରସର ହେଉ, ସେ ସତ୍ୟାନ୍ୱେଷୀ ହେଉ କିମ୍ବା ଯେତେବେଳେ ତା'ର ପ୍ରକୃତ ଅଭିପ୍ରାୟରେ ତାରତମ୍ୟତା ହେଉଥିବାର ଦେଖିବ ସେତେବେଳେ ପ୍ରଭୁ ତା' ଠାରୁ ପୃଥକ ହୋଇଯିବେ । କ'ଣ ସାହାବାମାନେ ଆଁହଜରତ ସ.ଅଙ୍କୁ ଏଇଥି ପାଇଁ ସ୍ୱୀକାର କିରଥିଲେ ଯେ, ସେମାନଙ୍କ ଧନ ସମ୍ପତ୍ତିରେ ଅଭିବୃଦ୍ଧି ଘଟୁ ? ନା । ଆପଣ ଅ.ସ କହୁନ୍ତି, "ସାହାବାମାନଙ୍କ ଜୀବନ ଉପରେ ଯଦି ଦୃଷ୍ଟିପାତ କରାଯାଏ ତେବେ ସେମାନଙ୍କ ମଧ୍ୟରେ ଗୋଟିଏ ବି ଘଟଣା ଏପରି ଦେଖିବାକୁ ମିଳୁ ନାହିଁ ଯେ, ସେମାନେ ଜୀବନରେ କେବେ ଏପରି କର୍ମ କରିଥିବେ । କଦାପି ନୁହଁ । ଆମମାନଙ୍କର ବୈଅତ୍ (ଦୀକ୍ଷା) ତ' କ୍ଷମାଯାଚନାମୂଳକ ଦୀକ୍ଷା ଅଟେ । କିନ୍ତୁ ସେମାନଙ୍କର ବୈଅତ୍ ମୁଣ୍ଡ କଟାଇବାର ବୈଅତ୍ ଥିଲା ।" ବର୍ତ୍ତମାନ ମୁଁ ଯେଉଁ ସାହାବାମାନଙ୍କ ଘଟଣାବଳୀ ସଂପର୍କରେ ନିଜର ଖୁତ୍‌ବାଗୁଡ଼ିକରେ ଓ ପୂର୍ବ ଖୁତ୍‌ବାଗୁଡ଼ିକରେ ଏକ ଦୀର୍ଘ ପରମ୍ପରା ଅବ୍ୟାହତ ରଖିଥିଲି ଯେ, ସହାବାମାନେ କିପରି ନିଜର ମୁଣ୍ଡ କଟାଇଥିଲେ । ଗୋଟିଏ ପଟରେ ସେମାନେ ବୈଅତ୍ କରୁଥିଲେ ଅନ୍ୟ ପଟରେ ସେମାନେ ନିଜର ଧନ, ସମ୍ପତ୍ତି, ଆତ୍ମ ସମ୍ମାନ ହରାଇ ଶୂନ୍ୟହସ୍ତ ହୋଇ ଯାଉଥିଲେ । ଅର୍ଥାତ ସେମାନେ କୌଣସି ବସ୍ତୁର ସତ୍ତ୍ୱାଧିକାରୀ ନୁହନ୍ତି । ଏହିପରି ଭାବରେ ସେମାନଙ୍କର ସମସ୍ତ ଆଶା ଓ ଆକାଂକ୍ଷା ସଂସାରରୁ ଛିନ୍ନ ତଥା ସମାପ୍ତ ହୋଇଯାଉଥିଲା । ପ୍ରତ୍ୟେକ ପ୍ରକାରର ସମ୍ମାନ ଓ ମାନ ମର୍ଯ୍ୟାଦା ପ୍ରାପ୍ତିର ଅଭିଳାଷା ସମାପ୍ତ ହୋଇଯାଉଥିଲା । କୌଣସି ଜଣେ ସାହାବି ମଧ୍ୟ ଏହା ଭାବି ନଥିଲେ ଯେ, ସେମାନେ ସମ୍ରାଟ ହେବେ ଅବା କୌଣସି ଦେଶକୁ ଜୟ କରିବେ । ଏହିସବୁ କଥା ସେମାନଙ୍କର ଚିନ୍ତା ଚେତନା ଓ କଳ୍ପନାରେ ମଧ୍ୟ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲ୍‌ଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ନଥିଲା । ବରଂ ସେମାନେ ତ' ପ୍ରତ୍ୟେକ ପ୍ରକାରର ଆଶା ଓ ଉଦ୍ଦୀପନା ଠାରୁ ପୃଥକ ହୋଇଯାଉଥିଲେ ଓ ସର୍ବଦା ଈଶ୍ୱରଙ୍କ ମାର୍ଗରେ ସକଳ ଦୁଃଖ, କଷ୍ଟ, ସ୍ୱାଦ, ହର୍ଷ ଓ ବିଷାଦକୁ ମୁଣ୍ଡ ପାତି ସହ୍ୟ କରିବା ପାଇଁ ପ୍ରସ୍ତୁତ ହୋଇଯାଉଥିଲେ । ଏପର୍ଯ୍ୟନ୍ତ କି ସେମାନେ ନିଜର ଜୀବନ ଦେବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇଯାଉଥିଲେ । ସେମାନଙ୍କର ତ' ଏହି ଅବସ୍ଥା ଥିଲା ଯେ, ସେମାନେ ଏହି ସଂସାରରୁ ସଂପୂର୍ଣ୍ଣ ରୂପେ ବିଚ୍ଛିନ୍ନ ଥିଲେ । କିନ୍ତୁ ଏହି ପକ୍ଷଟି ଭିନ୍ନ ଯେ, ପ୍ରଭୁ ସେମାନଙ୍କ ଉପରେ ନିଜର କୃପାବତୀର୍ଣ୍ଣ କଲେ ଓ ସେମାନଙ୍କୁ ପୁରସ୍କୃତ କଲେ। ଯେଉଁମାନେ ପ୍ରଭୁଙ୍କ ମାର୍ଗରେ ନିଜର ସର୍ବସ୍ୱ ତ୍ୟାଗ କରି ଦେଇଥିଲେ ପ୍ରଭୁ ସେମାନଙ୍କୁ ଅତ୍ୟଧିକ ପୁରସ୍କୃତ କଲେ । **(ମଲ୍‌ଫୁଜାତ୍, ଭାଗ-5, ପୃ-396-398 ବି.ଦ୍ର ସହ, ପ୍ରକାଶନ ବର୍ଷ 1984 ମସିହା)**

ପୁନଶ୍ଚ ଅତିରିକ୍ତ ଚର୍ଚ୍ଚା କରି ଆପଣ ଅ.ସ କୁହନ୍ତି ଯେ, ଜମାଅତ୍‌କୁ ସ୍ଥାପନ କରିବାର ପ୍ରକୃତ ଉଦ୍ଦେଶ୍ୟ ଏକେଶ୍ୱରବାଦ ସ୍ଥାପନ କରିବା ଓ ଈଶ୍ୱରଙ୍କ ପ୍ରତି ମନରେ ପ୍ରେମ ଓ ଅନୁରାଗ ସୃଷ୍ଟି କରିବା ଥିଲା । ପ୍ରଭୁଙ୍କୁ ପ୍ରେମ କରିବାରୁ କ'ଣ ଯଥାର୍ଥ ରହିଛି ? ତହିଁରୁ ଯଥାର୍ଥ ଏହିକିଯେ, ନିଜର ଅଭିଭାବକ, ପତ୍ନୀ, ସନ୍ତାନ, ଆତ୍ମା ଓ ପ୍ରତ୍ୟେକ ବସ୍ତୁ ଉପରେ ପ୍ରଭୁଙ୍କ ପ୍ରସନ୍ନତାଙ୍କୁ ଅଗ୍ରାଧିକାର ପ୍ରଦାନ କରି ନେବା ହିଁ ପ୍ରଭୁଙ୍କୁ ଭଲ ପାଇବା ବୁଝାଏ । ସୁତରାଂ ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ହୋଇଛି ଯେ, فَاذْكُرُوا اللّٰهَ كَذِكْرِكُمْ اٰبَآءَكُمْ اَوْ اَشَدَّ ذِكْرًا **(ଅଲ୍ ବକ୍‌ରାହ୍:201)** ଅର୍ଥାତ ଅତୀତରେ ଯେପରି ନିଜର ପିତୃ ପିତାମହଙ୍କୁ ସ୍ମରଣ କରୁଥିଲ ଠିକ୍ ସେହିପରି ଅଲ୍ଲାଃତାଲାଙ୍କୁ ମଧ୍ୟ (ତା' ଅପେକ୍ଷା) ଅଧିକ ସ୍ମରଣ କର । ବର୍ତ୍ତମାନ ଏଠାରେ ଏକଥା ମଧ୍ୟ ବିଚାରଯୋଗ୍ୟ ଯେ, ଈଶ୍ୱର ଏହି ଶିକ୍ଷା ପ୍ରଦାନ କଲେ ନାହିଁ ଯେ, ତୁମେ ଈଶ୍ୱରଙ୍କୁ ପିତା ବୋଲି କୁହ । ବରଂ ଏହି ଶିକ୍ଷା ପ୍ରଦାନ କଲେ ଯେ, ଖ୍ରୀଷ୍ଟିଆନ୍‌ମାନଙ୍କ ପରି ତୁମେ ଭ୍ରମିତ ନହୋଇ ଈଶ୍ୱରଙ୍କୁ ପିତା ବୋଲି ସମ୍ବୋଧନ କର । ଯଦି କୌଣସି ବ୍ୟକ୍ତି ଏପରି କୁହେ କି ପିତାଙ୍କ ପ୍ରତି ସନ୍ତାନମାନଙ୍କର ନିମ୍ନ ସ୍ତରର ପ୍ରେମ ହୋଇଥିବ । ତେଣୁ ଅଲ୍ଲାଃତାଲା ଏହି ଅଭିଯୋଗ ତଥା ଆପତ୍ତିକୁ ଖଣ୍ଡନ ଏବଂ ଦୂରୀଭୂତ କିରବା ନିମନ୍ତେ اَوْ اَشَدَّ ذِكْرًا ଶବ୍ଦ ରଖିଦେଲେ । ଯଦି اَوْ اَشَدَّ ذِكْرًا ନଥାଆନ୍ତା ତେବେ ଏହି ଆପତ୍ତି ତଥା ଅଭିଯୋଗ ହୋଇପାରି ଥାଆନ୍ତା। କିନ୍ତୁ ବର୍ତ୍ତମାନ ପ୍ରଭୁ ସେହି ସମସ୍ୟାକୁ ଦୂର କରିଦେଲେ ।

**(ମଲ୍‌ଫୁଜାତ୍, ଭାଗ-3, ପୃ-188, ପ୍ରକାଶନ ବର୍ଷ 1984 ମସିହା)**

ସୁତରାଂ ଏହା ହେଉଛି ଅଲ୍ଲାଃତାଲାଙ୍କର ପ୍ରେମ ଯାହାକି ଜଣେ ବିଶ୍ୱାସକାରୀ ବ୍ୟକ୍ତିର ହୃଦୟ ମଧ୍ୟରେ ରହିବା ଉଚିତ । ଅର୍ଥାତ ସାଂସାରିକ ସଂପର୍କ ଓ ମୋହ ଅପେକ୍ଷା ପ୍ରଭୁଙ୍କର ପ୍ରେମ ଓ ପ୍ରସନ୍ନତା ମନ ଭିତରେ ରହିବା ଉଚିତ । ସୁତରାଂ ଆମମାନଙ୍କୁ ନିଜ ନିଜର ଆତ୍ମ ସମୀକ୍ଷା କରିବା ଉଚିତ ଯେ, କ'ଣ ଆମେମାନେ ଏହି ପ୍ରେମ ନିଜ ମଧ୍ୟରେ ସୃଷ୍ଟି କରିବା ପାଇଁ ଉଦ୍ୟମ କରିଛେ ଅବା ଏଥି ନିମନ୍ତେ ଆମ ହୃଦୟରେ କୌଣସି ମନୋବାଞ୍ଛା ଜନିତ ଉତ୍ସୁକତା ଓ ଜିଜ୍ଞାସା ରହିଛି କି ?

ହ. ମସିହ୍ ମଉଦ୍ ଅ.ସ ସେହି ପ୍ରେମର ଅତିରିକ୍ତ ଚର୍ଚ୍ଚା କରି ଓ ତାହାର ସ୍ତର ସଂପର୍କରେ ବର୍ଣ୍ଣନା କରି କୁହନ୍ତି ଯେ, "ପ୍ରକୃତ ଏକେଶ୍ୱରବାଦ ସ୍ଥାପନ କରିବା ନିମନ୍ତେ ଈଶ୍ୱରଙ୍କ ପ୍ରେମରେ ସଂପୂର୍ଣ୍ଣ ଅଂଶ ଗ୍ରହଣ କରିବା ଉଚିତ । ତେଣୁ ଯେପର୍ଯ୍ୟନ୍ତ ବ୍ୟବହାରିକତାରେ ଅଂଶ ଗ୍ରହଣ କରି ନାହଁ ସେପର୍ଯ୍ୟନ୍ତ ଏହି ପ୍ରେମ ସାବ୍ୟସ୍ତ ଓ ଚରିତାର୍ଥ ହୋଇପାରିବ ନାହିଁ ।" ଯଦି କୌଣସି ବ୍ୟକ୍ତି ମିସ୍ରୀର ନାଁ ଧରିଚାଲେ, ଚିନି କିମ୍ବା ଗୁଡ଼ର ନାମ ଧରି ଚେଲେ ତେବେ ତାହା ମିଷ୍ଟ ଭଳି କାର୍ଯ୍ୟ କରିବ । ତାହା ମିଷ୍ଟ (ମିଠା) ତ' ହୋଇଯିବ ନାହିଁ । କିମ୍ବା ତୁଣ୍ଡରୁ କୌଣସି ମିତ୍ରତାର ସ୍ୱୀକାରୋକ୍ତି ପ୍ରକାଶ କରେ ତେବେ ବିପତ୍ତି ସମୟରେ ଓ ଆବଶ୍ୟକ ସ୍ଥଳେ ତାହାର ସାହାଯ୍ୟ ଓ ହାତ ଧରିବାକୁ ଉପେକ୍ଷା କରେ ତେବେ ସେହି ବନ୍ଧୁ ପ୍ରକୃତ ବନ୍ଧୁ ହୋଇପାରିବ ନାହିଁ । ସେହିପରି ତୁଣ୍ଡରୁ ଯଦି ଖାଲି ଏକେଶ୍ୱରବାଦର ସ୍ୱୀକାରୋକ୍ତି ପ୍ରକାଶ କରେ ଓ ତତ୍‌ସହିତ ପ୍ରେମର ମୌଖିକ ସ୍ୱୀକୋରୋକ୍ତି ବିଦ୍ୟମାନ ଥାଏ ତେବେ ତାହା କୌଣସି ଫଳପ୍ରଦ ହେବ ନାହିଁ । ବରଂ ଏହି ଭାଗଟି ମୌଖିକ ସ୍ୱୀକାରୋକ୍ତି ହେବା ପରିବର୍ତ୍ତେ ବ୍ୟବହାରିକ ଅଂଶକୁ ଅଧିକ ଅପେକ୍ଷା କରିଥାଏ । ଏହାର ଅର୍ଥ ଏହା ନୁହେଁ ଯେ, ମୌଖିକ ସ୍ୱୀକାରୋକ୍ତିର କୌଣସି ଆବଶ୍ୟକତା ଓ ପ୍ରୟୋଜନୀୟତା ନାହିଁ । ତାହା ନୁହେଁ । ବରଂ ମୋର ଏହି ଅଭିପ୍ରାୟ ରହିଛି ଯେ, ମୌଖିକ ସ୍ୱୀକାରୋକ୍ତି ସହିତ ବ୍ୟବହାରିକ ପୁଷ୍ଟି ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ ଅଟେ । ସୁତରାଂ ଏହା ଆବଶ୍ୟକ ଯେ, ତୁମେ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜ ଜୀବନକୁ ଉତ୍ସର୍ଗ କରିବା ଉଚିତ । ଅର୍ଥାତ ଈଶ୍ୱର ପ୍ରତ୍ୟେକ ବସ୍ତୁ ଉପରେ ସର୍ବାଗ୍ରେ ତଥା ପ୍ରଧାନ୍ୟ ହୁଅନ୍ତୁ । ତାହାଙ୍କର ଆଦେଶାବଳୀକୁ ପ୍ରତ୍ୟେକ ବସ୍ତୁ ଉପରେ ପ୍ରାଧାନ୍ୟ ଦେବା ଉଚିତ । ତାହାଙ୍କ ଦ୍ୱାରା ପ୍ରେରିତ ଧର୍ମକୁ ପ୍ରତ୍ୟେକ ବସ୍ତୁ ତୁଳନାରେ ପ୍ରାଥମିକତା ଦିଆଯାଉ ଓ ଧର୍ମକୁ ସାଂସାରିକତା ତୁଳନାରେ ଅଗ୍ରାଧିକାର ଦେଉଥିବା ବ୍ୟକ୍ତି ରୂପେ ପରିଗଣିତ ହେବା ଉଚିତ୍ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଏହା ହିଁ ଇସ୍‌ଲାମ୍ ଧର୍ମ ଓ ଏହା ହିଁ ସେହି ଅଭିପ୍ରାୟ ଯେଉଁଥିପାଇଁ ଅଲ୍ଲାଃତାଲା ମୋତ ପ୍ରେରଣ କରିଛନ୍ତି । ସୁତରାଂ ଯେଉଁ ବ୍ୟକ୍ତି ଏହି ସମୟରେ ସେହି ଝରଣା ପାଖକୁ ଆସେ ନାହିଁ ଯାହା ଅଲ୍ଲାଃତାଲାଙ୍କ ସେହି ଅଭିପ୍ରାୟ ନିମନ୍ତେ ଜାରି କରିଛନ୍ତି ସେହି ବ୍ୟକ୍ତି ନିଃସନ୍ଦେହ ରୂପେ ତହିଁରୁ ବଞ୍ଚିତ ରହିଥାଏ । ଯଦି କିଛି ନେବାର ଅଛି ତେବେ ଓ ଯଦି ଲକ୍ଷ୍ୟକୁ ପ୍ରାପ୍ତ କରିବାର ଅଛି ତେବେ ସତ୍ୟାନ୍ୱେଷୀ ବ୍ୟକ୍ତି ପକ୍ଷେ ଏହା ଉଚିତ ହେବ ଯେ, ସେ ସେହି ଝରଣା ଆଡ଼କୁ ଅଗ୍ରସର ହେଉ ଓ ଆଗକୁ ପାଦ ରଖୁ ଓ ସେହି ଅବ୍ୟାହତ ଝରଣା କୂଳେ ନିଜର ମୁଖମଣ୍ଡଳକୁ ରଖିଦେଉ । ଏହା କଦାପି ସମ୍ଭବପର ନୁହେଁ ଯେ, ଯେପର୍ଯ୍ୟନ୍ତ ବ୍ୟକ୍ତି ପ୍ରଭୁଙ୍କ ସମ୍ମୁଖରେ ସ୍ୱାଭିମାନର ମୁଖା ଓ ବସ୍ତ୍ର ଓହ୍ଲାଇ ଦେଇ ନାହିଁ, ତାହାଙ୍କ ଐଶ୍ୱରିକ ଆହ୍ୱାନ ଆଗରେ ପଡ଼ିଯାଇ ନାହିଁ ତଥା ସେ ଏହି ଅଙ୍ଗୀକାର କରି ନନେଇଛି ଯେ, ତା'ର ସଂସାରିକ ପ୍ରତିଷ୍ଠା ତଥା ଖ୍ୟାତି ଲୋପ ପାଇବ ଓ ଦୁଃଖ ତଥା ବିପତ୍ତିର ପର୍ବତ ତା' ଉପରେ ଭାଙ୍ଗି ପଡ଼ିବ ତେବେ ମଧ୍ୟ ସେ ଭଗବାନକୁ ନଛାଡ଼ୁ । ସେ ଯାହା ହୋଇଯାଉ ପଛେ କିନ୍ତୁ ଈଶ୍ୱରଙ୍କୁ କଦାପି ନଛାଡ଼ୁ । ପ୍ରଭୁଙ୍କ ମାର୍ଗରେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେବା ନିମନ୍ତେ ପ୍ରସ୍ତୁତ ରହୁ । ହ. ଇବ୍ରାହିମ୍ ଅ.ସଙ୍କର ଏହା ହିଁ ମହାନ ନିଷ୍ଠା ରହିଥିଲା ଯେ, ସେ ନିଜର ପ୍ରାଣ ପିଣ୍ଡ ପୁତ୍ରର ବଳି ଦେବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇଯାଇଥିଲେ ।

ଇସ୍‌ଲାମ୍ ଧର୍ମର ଏହି ଅଭିପ୍ରାୟ ରହିଛି ଯେ, ଇସ୍‌ଲାମ୍ ଧର୍ମ ଅସଂଖ୍ୟ ଇବ୍ରାହିମ୍ ଅ.ସ ସୃଷ୍ଟି କରୁ । ସୁତରାଂ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିକୁ ଏହି ପ୍ରୟାସ କରିବା ଉଚିତ ଯେ, ସେ ହ. ଇବ୍ରାହାମି ଅ.ସଙ୍କ ପରି ହୋଇଯାଉ । ମୁଁ ତୁମକୁ ସତ ସତ କହୁଛି ଯେ, ତୁମେମାନେ ସନ୍ଥମାନଙ୍କୁ ପୂଜା କର ନାହିଁ । ବରଂ ସନ୍ଥ ମହାତ୍ମା ହେବାକୁ ଉଦ୍ୟମ କର । ଗୁରୁଙ୍କୁ ଉପାସନା କର ନାହିଁ ବରଂ ଗୁରୁ ଓ ସାଧୁ ହେବା ନିମନ୍ତେ ଉଦ୍ୟମ କର । ତୁମେମାନେ ସେହି ମାର୍ଗ ମଧ୍ୟ ଦେଇ ଆସ। ନିଃସନ୍ଦେହ ସେହି ମର୍ଗଗୁଡ଼ିକ ଅତ୍ୟନ୍ତ ସଂକୀର୍ଣ୍ଣ ଅଟେ । "ଅର୍ଥାତ ସେହିଭଳି ନିଜର ଏକ ସ୍ଥାନ ଓ ପ୍ରତିଷ୍ଠା ସ୍ଥାପନ କର । ଏହା ନୁହେଁ ଯେ, ଗୁରଙ୍କ ଶିଷ୍ୟତ୍ୱ ଗ୍ରହଣ ଓ ଅନୁଗାମୀ ହେବାକୁ ଆରମ୍ଭ କରିଦିଅ । ବରଂ ନିଜକୁ ସେହି ସ୍ତର ପର୍ଯ୍ୟନ୍ତ ଉପନୀତ କରାଅ ଯେଉଁଠି ମନୁଷ୍ୟ ନିଜକୁ ସନ୍ଥ ବୋଲି ପରିଚୟ ଦେବ । ଯେଉଁଠି ଲୋକମାନେ କହିବେ ଯେ, ହଁ ଏ ହେଉଛି ସେହି ବ୍ୟକ୍ତି ଯିଏ ପୁଣ୍ୟ କର୍ମ ସମ୍ପାଦନ କରିଥାଏ, ତେଣୁ ଏହି ବ୍ୟକ୍ତିକୁ ଅନୁକରଣ କରିବା ଉଚିତ୍। ନିଃସନ୍ଦେହ ରୂପେ ତୁମେମାନେ ସେହି ସଂକୀର୍ଣ୍ଣ ତଥା ସଂକୁଚିତ ମାର୍ଗ ମଧ୍ୟ ଦେଇ ଆସ । କିନ୍ତୁ ତହିଁରେ ପ୍ରବେଶ କରି ଶାନ୍ତି ଓ ସନ୍ତୁଷ୍ଟି ତଥା ଆନନ୍ଦ ପ୍ରାପ୍ତ ହୋଇଥାଏ । କିନ୍ତୁ ଏହା ଆବଶ୍ୟକ ଯେ, ସେହି ଦ୍ୱାର ମଧ୍ୟ ଦେଇ ତୁମକୁ ହାଲୁକା ହୋଇ ଅତିକ୍ରମ କରିବାକୁ ପଡ଼ିବ। ଯଦି ବୃହତ୍ ଘଣ୍ଟା ମୁଣ୍ଡ ଉପରେ ଥାଏ ତେବେ ତାହା କଷ୍ଟକର ବ୍ୟାପାର ଅଟେ।" ଅର୍ଥାତ ବ୍ୟକ୍ତି ଯଦି ସାଂସାରିକ ମୋହମାୟାର ଓ ସାଂସାରିକ ପ୍ରାଧାନ୍ୟତାର ଘଣ୍ଟାକୁ ମୁଣ୍ଡ ଉପରେ ଟେକି ଧରିଛି ଏବଂ ସାଂସରିକତା ମନ ମସ୍ତିଷ୍କକୁ ଗ୍ରାସ କରିଛି ଓ ଧର୍ମ ପିଠି ପଛରେ ରହିଛି ତେବେ ସେହି ମାର୍ଗ ଦେଇ ଅତିକ୍ରମ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଅଟେ । ଯଦି ସେହି ମାର୍ଗ ଦେଇ ଅତିକ୍ରମ କରିବାର ଆବଶ୍ୟକତା ରହିଛି ତେବେ ସେହି ଘଣ୍ଟାକୁ ଯାହାକି ସଂସାରର ସଂପର୍କ ଓ ସାଂସାରିକତାକୁ ଅଗ୍ରାଧିକାର ଦେବାର ଘଣ୍ଟା ତାହାକୁ ଫିଙ୍ଗିଦିଅ । ଆମ ଜମାଅତ୍ ପକ୍ଷେ ଏହା ବିଧେୟ ଯେ, ଆମ ଜମାଅତ୍ ଯଦି ପ୍ରଭୁଙ୍କୁ ପ୍ରସନ୍ନ କରିବାକୁ ଚାହୁଁଛି ତେବେ ସେହି ଘଣ୍ଟାକୁ ଫିଙ୍ଗି ଦେଉ ।"

"ନିଃସନ୍ଦେହ ରୂପେ ତୁମେ ଏକଥା ସ୍ମରଣ ରଖ ! ଯେ, ଯଦି ତୁମ ମଧ୍ୟରେ ପ୍ରକୃତ ବିଶ୍ୱସ୍ତତା ଓ ପ୍ରକୃତ ନିଷ୍ପାପରତା ନାହିଁ ତେବେ ତୁମେ ମିଥ୍ୟାବାଦୀ ସାବ୍ୟସ୍ତ ହେବ ଓ ପ୍ରଭୁଙ୍କ ସମ୍ମୁଖରେ ତୁମେ ସତ୍ୟବାଦୀ ବ୍ୟକ୍ତି ରୂପେ ପରିଗଣିତ ବା ବିବେଚିତ ହୋଇପାରିବ ନାହିଁ । ତେଣୁ ଏହିଭଳି ପରିସ୍ଥିତିରେ ଶତ୍ରୁ ପୂର୍ବରୁ ସେହି ବ୍ୟକ୍ତି ନିପାତ ହେବ ଯିଏ ବିଶ୍ୱସ୍ତତାକୁ ପରିତ୍ୟାଗ କରି ବିଶ୍ୱାସଘାତକତାର ମାର୍ଗକୁ ଅପଣାଇ ନେଇଥାଏ । ଅଲ୍ଲାଃତାଲାଙ୍କୁ ଧୋକା ଓ ଭ୍ରମ ଲାଗି ପାରିବ ନାହିଁ ଓ ନା ହିଁ କେହି ତାଙ୍କୁ ଭ୍ରମିତ ଓ ଧୋକା ଦେଇପାରିବ । ତେଣୁ ଏହା ଏକାନ୍ତ ଅପରିହାର୍ଯ୍ୟ ଯେ, ତୁମେ ନିଜ ମଧ୍ୟରେ ପ୍ରକୃତ ନିଷ୍ଠା ଓ ସତ୍ୟତା ସୃଷ୍ଟି କର।"

**(ମଲ୍‌ଫୁଜାତ୍, ଭାଗ-3, ପୃ-188-190, ପ୍ରକାଶନ ବର୍ଷ-1984 ମସିହା)**

ପୁନଶ୍ଚ ଏକେଶ୍ୱରବାଦ ସ୍ଥାପନ ସଙ୍ଗେସଙ୍ଗେ, ଅଲ୍ଲାଃତାଲାଙ୍କୁ ଭଲ ପାଇବା ଓ ତାହାଙ୍କ ପ୍ରିୟ ମୁନିବଙ୍କ ସହିତ ପ୍ରେମର ସଂପର୍କ ସ୍ଥାପନ କରିବା ମଧ୍ୟ ଜରୁରୀର ଅଟେ । ଏହି ପ୍ରିୟ ମୁନିବଙ୍କ ମାଧ୍ୟମରେ ଓ ପ୍ରିୟ ମୁନିବ ହିଁ ଆମମାନଙ୍କୁ ଏକେଶ୍ୱରବାଦର ମାର୍ଗ ଦେଖାଇଥିଲେ । ସୁତରାଂ ଆଁହଜରତ ସ.ଅଙ୍କ ସହିତ ସଂପର୍କ ଓ ଆପଣ ସ.ଅଙ୍କ ସମ୍ମାନ ଓ ମର୍ଯ୍ୟାଦାକୁ ସ୍ଥାପନ କରିବା ଦିଗରେ ଧ୍ୟାନ ଆକର୍ଷଣ କରି ଆପଣ ଅ.ସ ଏକ ସ୍ଥଳେ କୁହନ୍ତି, "ଅଲ୍ଲାଃତାଲା ଏହି ଜମାଅତ୍‌କୁ ଏଇଥିପାଇଁ ସ୍ଥାପନ କରିଛନ୍ତି ଯେ, ଜମାଅତ୍ ଆଁହଜରତ ସ.ଅଙ୍କ ଅବତାରତ୍ୱ ଓ

ହଜି ଯାଇଥିହବା ସେହି ସମ୍ମାନ ତଥା ଖ୍ୟାତିକୁ ପୁନଃ ଫେରାଇ ଆଣୁ ।" ଅନ୍ୟ ମୁସଲମାନମାନଙ୍କର ଉଦାହରଣ ଦେଇ ଆପଣ ଅ.ସ କୁହନ୍ତି: ଯେଉଁମାନେ ପୀର, ସନ୍ଥାଦିଙ୍କୁ ପୂଜା କରନ୍ତି ଏବଂ କବର ପୂଜା କରନ୍ତି ଓ ପୁନଶ୍ଚ ସେମାନେ ଏହି ଦାବି କରନ୍ତି ଯେ, ଆମେମାନେ ନିଜକୁ ଆଁହଜରତ ସ.ଅଙ୍କ ପ୍ରେମରେ ହଜାଇ ଦେଇଛୁ । କିନ୍ତୁ ଆମମାନଙ୍କୁ କାଫିର୍ (ଅମାନ୍ୟକାରୀ/ଅବିଶ୍ୱାସକାରୀ) କହୁଥିବା ବ୍ୟକ୍ତିମାନେ ଓ ଏହି କଥାର ଘୋଷଣା କରନ୍ତି ଯେ, ଅହେମଦିମାନେ **ନାଉଜୁବିଲ୍ଲାଲଃ** ଆଁହଜରତ ସ.ଅଙ୍କ ପ୍ରତି ଅପମାନ ଓ ଅସମ୍ମାନ ପ୍ରଦର୍ଶନ କରୁଛନ୍ତି। ତେବେ ସେମାନଙ୍କ ସଂପର୍କରେ ହୁଜୁର ଅନୱର୍ ଅ.ବ କୁହନ୍ତି: "ଜଣେ ବ୍ୟକ୍ତି ଯେକି ଅନ୍ୟ ବ୍ୟକ୍ତିକୁ ଭଲ ପାଇ ପ୍ରେମିକ ରୂପେ ବିବେଚିତ ହୁଏ, ଯଦି ସେହି ବ୍ୟକ୍ତି ପରି ହଜାର ହଜାର ଅନ୍ୟ ବ୍ୟକ୍ତିମାନେ ଥାଆନ୍ତି ତେବେ ତା' ପ୍ରେମର କ'ଣ ବିଶେଷତ୍ୱ ରହିଛି ?"

ଅର୍ଥାତ ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିକୁ ଭଲା ପାଇ ବସି ପ୍ରେମିକର ପରିଚୟ ଲାଭ କରେ । କିନ୍ତୁ ତତ୍‌ସହିତ ସେହି ବ୍ୟକ୍ତି ଜଣକ ଆହୁରି ଅନେକ ବ୍ୟକ୍ତିଙ୍କୁ ମଧ ପ୍ରେମ କରି ସେମାନଙ୍କୁ ଆପଣାର ପ୍ରେମିକ କରିନିଏ ତେବେ ସେ ଯେଉଁ ଜଣେ ଲୋକକୁ ପ୍ରେମେ କରୁଛି ତା'ର ବିଶଷତ୍ୱ ଓ ମହତ୍ୱ କ'ଣଟା ରହିଗଲା ? ସେ ସେହି ଗୋଟିଏ ବ୍ୟକ୍ତିକୁ ବି ଭଲ ପାଉଛି ଓ ଅସଂଖ୍ୟ ବ୍ୟକ୍ତିଙ୍କୁ ମଧ ଭଲ ପାଉଛି, ତେବେ ଗୋଟିଏ ବ୍ୟକ୍ତକୁ ଭଲ ପାଇବାର କିଛି ମୂଲ୍ୟ ରହିଲା ନାହିଁ । ତେବେ ଯଦି ଅନ୍ୟ ମୁସଲମାନମାନେ ରସୁଲୁଲ୍ଲାଃ ସ.ଅଙ୍କ ପ୍ରେମରେ ପାଗଳ ତଥା ନିମଜ୍ଜିତ ଅଟନ୍ତି "ଯେପରିକି ଏହି ମୁସଲମାନମାନେ ଏହି ଦାବି କରନ୍ତି ଯେ, ଆମେମାନେ ଆଁହଜରତ ସ.ଅଙ୍କୁ ବହୁତ ଭଲ ପାଉ ତେବେ କ'ଣ କାରଣ ରହିଛି ଯେ, ଏହି ମୁସଲମାନମାନେ ସନ୍ଥ ଓ ସନ୍ଥମାନଙ୍କର କବର ଆଦିର ପୂଜା କରୁଛନ୍ତି ? "ସନ୍ଥମାନଙ୍କର ଅନେକ କବର ରହିଛି ଯେଉଁଠି ଏମାନେ ଯାଇ ସେହି ସନ୍ଥମାନଙ୍କର କବର ଉପରେ କେବଳ ଚଦର ଚଢାଉ ନାହାନ୍ତି, ପ୍ରାର୍ଥନା କରନ୍ତି ନାହିଁ ବରଂ ସିଜଦା (ମୁଣ୍ଡିଆ ଟେକନ୍ତି) ମଧ କରି ନିଅନ୍ତି । ଏହି ମୁସଲମାନମାନେ ପବିତ୍ର ମଦିନା ସହରକୁ ତ' ଯାଆନ୍ତି । କିନ୍ତୁ ଆଜ୍‌ମେର ଓ ସନ୍ଥମାନଙ୍କର ଅନ୍ୟ କବର ଓ ଗାଦିକୁ ଖାଲି ପାଦ ଓ ଫୁଙ୍ଗୁଳା ମସ୍ତକରେ ଯାଆନ୍ତି। ଏହି ମୁସଲମାନମାନେ ପାକ୍ ପଟନର ଝରକା ଦେଇ ଅତିକ୍ରମ କରିଯିବାକୁ ମୋକ୍ଷ ନିମନ୍ତେ ଯଥେଷ୍ଟ ବୋଲି ମନେ କରନ୍ତି । କୌଣସି ବ୍ୟକ୍ତି ଗୋଟିଏ ଧ୍ୱଜା ଛିଡ଼ା କରି ରଖିଛି ତ' ଆଉ କେହି ଅନ୍ୟ ଆକୃତି ଧାରଣ କରିଛି । ସେହି ଲୋକମାନଙ୍କର ଶୋଭାଯାତ୍ରା ଓ ମେଳାଦିକୁ ଦେଖି ଜଣେ ପ୍ରକୃତ ମୁସଲମନ ବ୍ୟକ୍ତିର ହୃଦୟ ପ୍ରକମ୍ପିତ ହୋଇ ଉଠିଥାଏ ଯେ, ଏମାନେ କ'ଣ ସବୁ କରିଛନ୍ତି ଓ କ'ଣ ଗଢି ନେଇଛନ୍ତି ? ଭାରତ ଓ ପାକିସ୍ତାନରେ ଏହିସବୁ କଥା ଅତି ସାଧାରଣ ଓ ସାମାନ୍ୟ ବୋଲି ମନେ କରାଯାଇଥାଏ । ଅଲ୍ଲାଃତାଲାଙ୍କୁ ଯଦି ଇସ୍‌ଲାମ୍ ଧର୍ମର ସ୍ୱାଭିମାନର ଚିନ୍ତା ହୋଇ ନଥାଆନ୍ତା ଓ إِنَّ الدِّينَ عِندَ اللَّهِ الْإِسْلَامُ **(ଆଲେ ଇମ୍ରାନ୍:20)** ଈଶ୍ୱରଙ୍କ ବାଣୀ ହୋଇ ନଥାଆନ୍ତା ଓ ସେ ଏହା କହି ନଥାଆନ୍ତେ ଯେ, إِنَّا نَحْنُ نَزَّلْنَا الذِّكْرَ وَإِنَّا لَهُ لَحَافِظُونَ **(ଅଲ ହିଜର:10)** ନିଃସନ୍ଦେହ ରୂପେ ଆଜି ଇସ୍‌ଲାମ୍ ଧର୍ମର ସେହି ଦୁରାବସ୍ଥା ହୋଇଯାଇଥିଲା ଯେ, ଇସଲାମ୍ ଧର୍ମର ନିଶ୍ଚିହ୍ନ ହେବାରେ କୌଣସି ସନ୍ଦେହ ମଧ ହୋଇପାରି ନଥାଆନ୍ତା । କିନ୍ତୁ ଅଲ୍ଲାଃତାଲାଙ୍କ ସ୍ୱାଭିମାନ ବିସ୍ତାରିତ ହେଲା ଓ ତାହାଙ୍କ କୃପା ତଥା ପ୍ରତିଶୃତି ଏହା ଚାହିଁଲା କି ରସୁଲୁଲ୍ଲାଃ ସ.ଅଙ୍କ ପ୍ରତିବିମ୍ବକୁ ସେ ପୁନଃ ଧପା ପୃଷ୍ଠରେ ଅବତୀର୍ଣ୍ଣ କରନ୍ତୁ ଓ ଏହି ଯୁଗରେ ଆପଣ ସ.ଅଙ୍କ ଆବତାରତ୍ୱକୁ ନୂତନ ରୂପେ ଉଜ୍ଜୀବୀତ କରି ଦେଖାଇ ଦିଅନ୍ତୁ । ସୁତରାଂ ଈଶ୍ୱର ଏହି ସଂପ୍ରଦାୟକୁ ସ୍ଥାପନ କଲେ ଓ ମୋତେ ମାମୁର୍ (ନିଯୁକ୍ତ ଯୁଗାବତାର) ଓ ମେହଦୀ (ମାର୍ଗଦର୍ଶନକାରୀ ବ୍ୟକ୍ତି ରୂପେ) କରି ପ୍ରେରଣ କଲେ ।

**(ମଲଫୁଜାତ୍, ଭାଗ-3, ପୃ-92, ପ୍ରକାଶନ ବର୍ଷ 1984 ମସିହା)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଅଲ୍ଲାଃତାଲା ମୋତେ ନିଯୁକ୍ତ ଓ ମେହଦୀ କରି ପ୍ରେରଣ କଲେ । ତେଣୁ ଆମମାନଙ୍କର ଏହି କର୍ତ୍ତବ୍ୟ ଯେ, ଆମେମାନେ ବୈଅତ୍‌ର ପ୍ରକୃତ ଅଧିକାର ସମ୍ପାଦନ କରିବାକୁ ସେତେବେଳେ ସକ୍ଷମ ହୋଇପାରିବୁ ଯେତେବେଳେ ଆମେମାନେ ନିଜ ମଧରେ ଓ ଅନ୍ୟମାନଙ୍କ ମଧରେ ସ୍ୱଷ୍ଟ ପାର୍ଥକ୍ୟ ସୃଷ୍ଟି କରି ଦେଖାଇଦେବୁ । ଈଶ୍ୱରଙ୍କ ପ୍ରତି ଥିବା ପ୍ରେମ ଓ ତାହାଙ୍କ ବାର୍ତ୍ତାବହଙ୍କ ପ୍ରତି ଥିବା ପ୍ରେମର ଅସାଧାରଣ ଉଦାହରଣ ସ୍ଥାପନ କରିବୁ ସେତେବେଳେ ଏହି ଉଦ୍ଦେଶ୍ୟ ସାଧିତ ହୋଇପାରିବ ।

ହ. ମସିହ୍ ମଉଦ୍ ଅ.ସ ନିଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାହାବାମାନଙ୍କ ପରି ଆଦର୍ଶ ଏବଂ ସେମାନଙ୍କ ପରି ନିଷ୍ଠାପରତା ସୃଷ୍ଟି କରିବାର ଉପଦେଶ ଦେଇ କୁହନ୍ତି, ନିଜର ତୁଣ୍ଡକୁ ସର୍ବଦା ପ୍ରଭୁଙ୍କ ମହିମା ଗାନ ଓ ପ୍ରଶଂସା ଗାନ ତଥା ଦୁରୁଦ୍ ଦ୍ୱାରା ପରିପୂର୍ଣ୍ଣ ରଖିବା ପାଇଁ ଉଦ୍ୟମ କରନ୍ତୁ । ଅଲ୍ଲାଃତାଲା ଯେତେବେଳେ ଏହି ସଂପ୍ରଦାୟକୁ ସ୍ଥାପନ କରିଛନ୍ତି ଏବଂ ଏହି ସଂପ୍ରଦାୟର ସମର୍ଥନରେ ଶତାଧିକ ନିଦର୍ଶନମାନ ମଧ ପ୍ରକାଶିତ କରିଛନ୍ତି ତେବେ ଏହା ପଛରେ ତାହାଙ୍କର ଏହି ଅଭିପ୍ରାୟ ନିହିତ ରହିଛି ଯେ, ଏହି ଜମାଅତ୍ ସାହାବାମାନଙ୍କ ଜମାଅତ୍ ପରି ହୋଇଯାଉ ଏବଂ ପୁନଶ୍ଚ ଏହାପରେ ସେହି ଶ୍ରେଷ୍ଠ ଯୁଗ ଆସିଯାଆନ୍ତା କି ଓ ଯେଉଁ ବ୍ୟକ୍ତିମାନେ ଏହି ସଂପ୍ରଦାୟରେ ପ୍ରବିଷ୍ଟ ହେବେ ସେମାନେ ଉକ୍ତ ଆୟତ୍ ଅର୍ଥାତ وَآخَرِينَ مِنْهُمْ ରେ ପ୍ରବିଷ୍ଟ ହୁଅନ୍ତୁ **(ଅଲ୍ ଜୁମା:୪)** । ତେଣୁ ଆପଣମାନେ ସେହି ମିଛ ଜାମାପଟା ଓହ୍ଲାଇ ଦିଅନ୍ତୁ ଏବଂ ନିଜର ସମସ୍ତ ଧାନ ଅଲ୍ଲାଃତାଲାଙ୍କ ଆଡ଼କୁ କେନ୍ଦ୍ରିତ ରଖନ୍ତୁ । فَيْجِ أَعْوَجَ ଅର୍ଥାତ କୁଟୁଳିଆ ଯୁଗର ଶତ୍ରୁ ହୁଅନ୍ତୁ । ଇସ୍‌ଲାମ୍ ଧର୍ମ ଉପରେ ତିନୋଟି ଯୁଗ ଅତିକ୍ରାନ୍ତ ହୋଇଛି, **ପ୍ରଥମ**- କୁରୁନେ ସୁଲାସା, **ଦ୍ୱିତୀୟ**-ଫୈଜେ ଆୱଜ୍ (କୁଟୁଳିଆ ଯୁଗ) ଅର୍ଥାତ ଯାହା ସଂପର୍କରେ ରସୁଲୁଲ୍ଲାଃ ସ.ଅ କହିଥିଲେ ଯେ, ନା ମୁଁ ସେମାନଙ୍କ ମଧରୁ ଅଟେ ଓ ନା ହିଁ ସେମାନେ ମୋ ମଧରୁ ଅଟନ୍ତି । **ତୃତୀୟ**- ପ୍ରତିଶୃତ ମସିହ୍‌ଙ୍କ ଯୁଗ, ଯାହାକି ହ. ମୁହମ୍ମଦ ସ.ଅଙ୍କ ଯୁଗ ଏବଂ وَآخَرِينَ مِنْهُمْ لَمَّا يَلْحَقُوا بِهِمْ **(ଅଲ ଜୁମା:୪)**ରୁ ସ୍ୱଷ୍ଟ ଯେ, ଏଭଳି ଏକ ଯୁଗ ମଧ ଆସିବ ଯାହା ସାହାବାମାନଙ୍କ ଆଚାର ବ୍ୟବହାର ବିରୁଦ୍ଧୀୟ ହେବ । ସେହି ହଜାର ବର୍ଷ ମଧରେ ଇସ୍‌ଲାମ୍ ଧର୍ମ ଅନେକ ବିପତ୍ତିର ସମ୍ମୁଖୀନ ହେବ ଏବଂ ନାନା କୁପ୍ରଥାର ଶିକାର ମଧ ହୋଇଥିଲା । ଧର୍ମ ବିଗିଡ଼ି ଗଲା ଏବଂ କେତେକ ଲୋକଙ୍କୁ ବାଦ୍ ଦେଲେ ଅନ୍ୟମାନେ ସମସ୍ତେ ଇସ୍‌ଲାମ୍ ଧର୍ମକୁ ପରିତ୍ୟାଗ କରିଦେଲେ ଏବଂ ଅନେକ ଗୋଷ୍ଠୀରେ ବିଭକ୍ତ ହୋଇଗଲେ । ତନ୍ମଧ୍ୟରୁ ଦୁଇଟି ଗୋଷ୍ଠୀ ଯଥା-**1-ମୋତଜିଲା** (ମୁସଲମାନମାନଙ୍କର ଏକ ଗୋଷ୍ଠୀ ଯାହାଙ୍କ ନିକଟରେ ପବିତ୍ର କୁରଆନ୍ ଏକ ଜୀବ ସ୍ୱରୂପ ଏବଂ ଅଲ୍ଲାଃତାଲାଙ୍କର ଏକେଶ୍ୱରବାଦ ସମ୍ବନ୍ଧୀୟ ଜ୍ଞାନ ବୌଦ୍ଧିକତା ଦ୍ୱାରା ହିଁ ଜ୍ଞାତ ହୋଇପାରିବ । ତେଣୁ ଐଶୀବାଣୀ ବ୍ୟତୀରେକ ବୁଦ୍ଧିଜୀବୀ ଓ ହିକ୍‌ମତ୍ (ବ୍ରହ୍ମଜ୍ଞାନ) ଥିବା ବ୍ୟକ୍ତିମାନେ ଏକେଶ୍ୱରବାଦ ଉପରେ ବିଶ୍ୱାସ ସ୍ଥାପନ କରିପାରିବେ । ସେହିପରି ମୋତଜିଲା କହିଲେ ଖଲିଫା ମାମୁନ ରଶିଦ୍‌ଙ୍କ କାଳରେ ଏକ ସରକାରୀ ଧର୍ମ ରୂପେ ସ୍ୱୀକୃତ ଲାଭ କରିଥିଲା) **2-ଅବାହତି** ଗୋଷ୍ଠୀ (ଅବୈଧକୁ ବୈଧବୋଲି ବିବେଚିତ କରୁଥିବା ଗୋଷ୍ଠୀ) ଇତ୍ୟାଦି ଗୋଷ୍ଠୀମାନେ ସୃଷ୍ଟି ହୋଇ ଯାଇଥିଲେ ।

ହୁଜୁର ଅ.ସ କହିଲେ ଆମେ ଏହି କଥାର ସ୍ୱୀକାରୋକ୍ତି ପ୍ରକାଶ କରୁଛେ ଯେ, ଏଭଳି କୌଣସି ଯୁଗ ଅତିକ୍ରାନ୍ତ ହୋଇ ନାହିଁ ଯେ, ଯେଉଁ ଯୁଗରେ ଇସ୍‌ଲାମ୍ ଧର୍ମର କଲ୍ୟାଣମୂଳକ ନିଦର୍ଶନ ଦୃଶ୍ୟମାନ ହୋଇ ନଥିବ । କିନ୍ତୁ ଇସ୍‌ଲାମ୍ ଧର୍ମର ମଧ ଯୁଗରେ ଯେଉଁ ସାଧୁ ସନ୍ଥମାନେ ଅତିକ୍ରାନ୍ତ କରି ଯାଇଛନ୍ତି ଯାହାଙ୍କ ସଂଖ୍ୟା ଏତେ ସ୍ୱଳ୍ପ ଥିଲା ଯେ, ସେମାନେ ଉର୍ଦ୍ଧ୍ୱକୋଟି ଜନ ମାନସ ତୁଳନାରେ ଯେଉଁ ଲୋକମାନେ ସଳଖ ମାର୍ଗରୁ ବିଚ୍ୟୁତ ହୋଇ ଯାଇଥିଲେ ସେହି ସାଧୁମାନଙ୍କ ସଂଖ୍ୟା ଏହି ଲୋକମାନଙ୍କ ତୁଳନାରେ ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତଃ ଆଁହଜରତ ସ.ଅ ସେହି ଯୁଗକୁ ଅବତାରତ୍ୱ ଚକ୍ଷୁରେ ଅବଲୋକନ କଲେ ଏବଂ ତାହାର ନାମ ଫୈଜେ ଆୱଜ୍ ଯୁଗ ବୋଲି ନାମିତ କଲେ । କିନ୍ତୁ ବର୍ତ୍ତମାନ ଅଲ୍ଲାଃତାଲା ଏହା ଇଚ୍ଛା ପ୍ରକାଶ କରିଛନ୍ତି ଯେ, ସେ ଆଉ ଏକ ବିପୁଳ ସଂଖ୍ୟକ ଗୋଷ୍ଠୀ ସୃଷ୍ଟି କରିବେ ଯେକି ସାହାବାମାନଙ୍କ ଗୋଷ୍ଠୀ ରୂପେ ବିବେଚିତ ହେବ। କିନ୍ତୁ ଅଲ୍ଲାଃତାଲାଙ୍କ ବିଧିର ଯେଉଁ ନିୟମ ରହିଛି ତାହା ଏହିକି ଯେ, ତାହାଙ୍କ ଦ୍ୱାରା ସ୍ଥାପିତ ସଂପ୍ରଦାୟରେ ପର୍ଯ୍ୟାୟ କ୍ରମେ ବିକାଶ ହୋଇଥାଏ । ତେଣୁ ଆମମାନଙ୍କର ଜମାଅତ୍‌ର ଉନ୍ନତି ମଧ କ୍ରମ ପର୍ଯ୍ୟାୟ (ପର୍ଯ୍ୟାୟକ୍ରମେ) ଏବଂ କୃଷିର ଚାଷ ଅନୁଯାୟୀ ହେବ । ଏହି ଜମାଅତ୍‌ର ଅର୍ଥ ଏବଂ ଅଭିପ୍ରାୟ ସେହି ବୀଜ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ପରି ଯାହାକୁ ଭୂମିରେ ବପନ (ବୁଣା) ଯାଇଥାଏ । ସେହି ଅର୍ଥ, ଅଭିପ୍ରାୟ ଏବଂ ଶସ୍ୟରୁ ଉତ୍ପନ୍ନ ବୀଜ ପ୍ରାପ୍ତ ହେବାକୁ ଆହୁରି ଅନେକ ସମୟ ବାକି ରହିଛି ଏବଂ ଏହି ଅଭିପ୍ରାୟକୁ ସେ ଅନ୍ୟ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇବାକୁ ଚାହୁଁଛନ୍ତି। ଅତଏବ୍ ଅଲ୍ଲାଃତାଲାଙ୍କ ଦ୍ୱାରା ସ୍ଥାପିତ ସେହି ଅଭିପ୍ରାୟ ତାହାଙ୍କ ପ୍ରସନ୍ନତା ଏବଂ ଅନୁଗ୍ରହତା ବ୍ୟତୀରେକ କଦାପି ପ୍ରାପ୍ତ ହୋଇ ପାରିବ ନାହିଁ ।

ଏକେଶ୍ୱରବାଦର ସ୍ୱୀକାରୋକ୍ତିର ମଧ୍ୟ ଏକ ପ୍ରକାରର ବିଶେଷ ଶୈଳୀ ହେବା ଉଚିତ । ଈଶ୍ୱରଙ୍କ ଆଡ଼କୁ ଆନତ ହେବାର ମଧ୍ୟ ଏକ ବିଶେଷ ଶୈଳୀ ହେବା ଉଚିତ୍ । ଈଶ୍ୱର ଚର୍ଚ୍ଚା ଏବଂ ନିଜ ଭାଇମାନଙ୍କର ଅଧିକାର ସମ୍ପାଦନ କରିବା ପ୍ରତି ଏକ ବିଶେଷ ଧ୍ୟାନ ନିଜ ମନ ଭିତରେ ପୋଷଣ କରିବା ଉଚିତ ।

**(ମଲ୍‌ଫୁଜାତ୍, ଭାଗ-3, ପୃ-94-95, ପ୍ରକାଶନ ବର୍ଷ 1984 ମସିହା)**

ସୁତରାଂ ଉପରୋକ୍ତରେ ବର୍ଣ୍ଣିତ ଅଭିପ୍ରାୟ ହେଉଛି ସେହି ଅଭିପ୍ରାୟ ଯାହାକୁ ପ୍ରାପ୍ତ କରିବା ପାଇଁ ଆମମାନଙ୍କୁ ଉଦ୍ୟମ କରିବା ଉଚିତ । ଏପରି କରିବା ଦ୍ୱାରା ହିଁ ଜମାଅତ୍‌ର ଉନ୍ନତି ଆମେମାନେ ସ୍ୱଚକ୍ଷୁରେ ଅବଲୋକନ କରିପାରିବୁ । **ଇନ୍‌ଶାଅଲ୍ଲାଃ** ।

ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌କୁ ବିଶେଷ ରୂପେ ଧ୍ୟାନପୂର୍ବକ ଏବଂ ବୁଝି ବିଚାରି ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରି କୁହନ୍ତି, ମନେରଖ ! ପବିତ୍ର କୁରଆନ୍ କରୀମ୍ ଅନ୍ୟ ପୂର୍ବ ଧର୍ମଗ୍ରନ୍ଥ ଉପରେ ଏବଂ ନବୀମାନଙ୍କ ଉପରେ ଏହି ମହୋପକାର କରିଛି ଯେ, ଏହା ସମସ୍ତ ନବୀ ଏବଂ ବିଭିନ୍ନ ଧର୍ମପୁସ୍ତକଗୁଡ଼ିକର ଶିକ୍ଷାର ସାରାଂଶ ଓ ସମାହାର ଯାହାକି ସେମାନଙ୍କ ଧର୍ମ ପୁସ୍ତକରେ ଗଳ୍ପ ଆକାରରେ ବର୍ଣ୍ଣିତ ହୋଇଥିଲା ତାହାକୁ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ଏକ ନୂତନ ଜ୍ଞାନର ରୂପରେଖ ପ୍ରଦାନ କରିଛନ୍ତି। ମୁଁ ସତ ସତ କହୁଛି ! କୌଣସି ବ୍ୟକ୍ତି ସେହି ଗଳ୍ପ ଏବଂ କାହାଣୀ ଠାରୁ ମୁକ୍ତି ଲାଭ ପାଇ ପାରିବ ନାହିଁ ଯେପର୍ଯ୍ୟନ୍ତ ସେ ପବିତ୍ର କୁରଆନ୍ କରୀମ୍‌କୁ ପାଠ କରି ନନେଇଛି। କାରଣ ପବିତ୍ର କୁରଆନ୍‌ର ଏହି ମାହାତ୍ମ୍ୟତା ଏବଂ ମହାନତା ରହିଛି ଯେ, اِنَّهٗ لَقَوۡلٌ فَصۡلٌ وَّمَا هُوَ بِالۡهَزۡلِ **(ଅତ୍ ତାରିକ୍:14-15 )**ଅର୍ଥାତ ଏହି ପ୍ରମାଣ ଏ ବିଷୟ ନିମନ୍ତେ ଉଦ୍ଦିଷ୍ଟ ଯେ, ତାହା (ଅର୍ଥାତ ସେହି କୁରଆନ୍) ନିଶ୍ଚିତ ରୂପେ ନିର୍ଣ୍ଣାୟକ ଓ ଚୂଡ଼ାନ୍ତ ବାଣୀ ଅଟେ । ତାହା କୌଣସି ଅଯଥା ଓ ଦୁର୍ବଳ ବାଣୀ ନୁହେଁ। ଏହା ସଳଖ ତରାଜୁ (ନିକିତି), ଆଲୋକ, ଆରୋଗ୍ୟ, କଲ୍ୟାଣ ପ୍ରଦାନକାରୀ ବାଣୀ ଏବଂ କୃପା ପ୍ରଦାନକାରୀ ବାଣୀ ଅଟେ । ଯେଉଁ ଲୋକମମାନେ ପବିତ୍ର କୁରଆନ୍ କରୀମ୍ ପାଠ କରୁଛନ୍ତି ହେଲେ ସେମାନେ ଏହାକୁ ଗଳ୍ପ ବୋଲି ମନେ କରନ୍ତି ତେବେ ସେମାନେ ପବିତ୍ର କୁରଆନ୍ କରୀମ୍ ପାଠ କଲେ ନାହିଁ ବରଂ ପବିତ୍ର କୁରଆନ୍ କରୀମ୍ ପ୍ରତି ଅସମ୍ମାନ ପ୍ରଦର୍ଶନ କଲେ । ମୁଁ ବଡ଼ ଆଶ୍ଚର୍ଯ୍ୟ ଚକିତ ଯେ, ଆମର ବିରୋଧୀମାନେ କାହିଁକି ଆମମାନଙ୍କର ବିରୋଧରେ ଏପରି ଅଣ୍ଟା ଭିଡ଼ିଛନ୍ତି । କାହିଁକି ନା ଏହା ପଛରେ ଏକ କାରଣ ନିହିତ ରହିଛି ଏବଂ ତାହା ଏହିକି ଯେ ଆମେମାନେ ପବିତ୍ର କୁରଆନ୍‌କୁ ତାହାର ପୂର୍ଣ୍ଣାଲୋକ, ବ୍ରହ୍ମଜ୍ଞାନ, ସଠିକ୍ ଐଶୀ ପରିଚୟ ଅନୁଯାୟୀ ପ୍ରଦର୍ଶିତ କରିବା ପାଇଁ ଉଦ୍ୟମ କରୁଛେ । ଆପଣ ଅ.ସ କୁହନ୍ତି, ପବିତ୍ର କୁରଆନ୍ କରୀମ୍‌କୁ ଏକ ଦର୍ଶନ ଭାବରେ ବିଚାର କରି ଆବୃତ୍ତି କର । ସାଧାରଣ ଗଳ୍ପ ବୋଲି ମନେକରି ଏହାକୁ ପ୍ରାଧାନ୍ୟ ଦିଅ ନାହିଁ । କାରଣ ଆମେମାନେ ଗଳ୍ପକୁ ସାକ୍ଷ୍ୟ ବୋଲି ସ୍ୱୀକାର କରିପାରିବୁ ନାହିଁ। ଅଲ୍ଲାଃତାଲା ଆମମାନଙ୍କ ଉପରେ ଏହା ପ୍ରକାଶ୍ୟ କରି ଦେଇଛନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ଏକ ଜୀବନ୍ତ ଏବଂ ଜାଜ୍ୱଲ୍ୟମାନ ପୁସ୍ତକ ଅଟେ । ତେଣୁ ଆମେମାନେ ସେହି ବିରୋଧୀମାନଙ୍କର ବିରୋଧକୁ କଦାପି ଭ୍ରୂକ୍ଷେପ କରୁ ନାହୁଁ। ଅତଃ ମୁଁ ବାରମ୍ବାର ଏହି କଥା ପ୍ରତି ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କର ଦୃଷ୍ଟି ଆକର୍ଷଣ କରୁଛି ଯେଉଁମାନେ ଏହା କହୁଛନ୍ତି ଯେ, ଆମମାନଙ୍କର ସଂପର୍କ ହ. ମସିହ୍ ମଉଦ୍ ଅ.ସଙ୍କ ସହିତ ଅଛି । ସେହିପରି ମୁଁ ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କୁ ଏହି ଉପଦେଶ ଦେଉଛି ଯେ, ଅଲ୍ଲାଃତାଲା ଏହି ସଂପ୍ରଦାୟକୁ ସତ୍ୟ ପ୍ରକାଶିତ ନିମନ୍ତେ ସ୍ଥାପିତ କରିଛନ୍ତି । ଅର୍ଥାତ ସତ୍ୟ ପରିପ୍ରକାଶିତ କରିବା ପାଇଁ ସ୍ଥାପିତ କରିଛନ୍ତି । ଏହି ପବିତ୍ର କୁରଆନ୍‌କୁ ହୃଦୟଙ୍ଗମ କରିବାକୁ ହେଲେ ଆମମାନଙ୍କୁ ସତ୍‌ଜ୍ଞାନ ଏବଂ ସତ୍‌ବୁଦ୍ଧି, ବିବେକ ହେବା ଆବଶ୍ୟକ । ଅତଏବ୍ ଏହି ସତ୍‌ଜ୍ଞାନ ଏବଂ ସତ୍‌ବୁଦ୍ଧି ଓ ବିବେକ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ରୁ ହିଁ ପ୍ରାପ୍ତ ହୋଇପାରିବ । କାରଣ ପବିତ୍ର କୁରଆନ୍ କରୀମ୍‌କୁ ବାଦ୍ ଦେଲେ ବ୍ୟାବହାରିକ ଜୀବନରେ କୌଣସି ଆଲୋକ ଏବଂ ଜ୍ୟୋତି ସୃଷ୍ଟି ହୋଇ ପାରିବ ନାହିଁ । ଏଣୁ ମୁଁ ଏହା ଚାହୁଁଛି ଯେ, ବ୍ୟାବହାରିକ ସତ୍ୟତା ମାଧ୍ୟମରେ ଇସଲାମ୍ ଧର୍ମର ବିଶେଷତା ସଂସାରବାସୀଙ୍କ ଉପରେ ପ୍ରକାଶିତେ ହେଉ । ତେଣୁ ଉକ୍ତ କାର୍ଯ୍ୟ ନିମନ୍ତେ ଅଲ୍ଲାଃତାଲା ମୋତେ ନିଯୁକ୍ତ କରିଛନ୍ତି । ଏଣୁ ପବିତ୍ର କୁରଆନ୍ କରୀମ୍‌କୁ ଏକାଧିକ ଥର ପାଠ କର ନା କି ଗଳ୍ପ ମନେକରି । ବରଂ ପବିତ୍ର କୁରଆନ୍ କରୀମ୍‌କୁ ଏକ ଦର୍ଶନ ଭାବରେ ବିଚାର କରି ଆବୃତ୍ତି କର ।

**(ମଲ୍‌ଫୁଜାତ୍, ଭାଗ-3, ପୃ-155, ପ୍ରକାଶନ ବର୍ଷ 1984 ମସିହା)**

ହୁଜୁର ଅନଓ୍ୱର ଅ.ବ କହିଲେ, ଅତଏବ ପବିତ୍ର କୁରଆନ୍‌ର ଅର୍ଥ ଓ ବ୍ୟାଖ୍ୟା ଆଦି ପ୍ରତି ପ୍ରତ୍ୟେକ ଅହେମଦିକୁ ଧ୍ୟାନ ଦେବା ଉଚିତ । ପୁନଶ୍ଚ ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି ଅତିରିକ୍ତ ଧ୍ୟାନ ଆକର୍ଷଣ କରି ଏବଂ ପୁଣ୍ୟ କର୍ମ ସମ୍ପାଦନକାରୀର ପ୍ରଶଂସା କରି ହ. ମସିହ୍ ମଉଦ ଅ.ସ କୁହନ୍ତି: ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ବିଶ୍ୱାସ ସହିତ ପୁଣ୍ୟ କର୍ମର ମଧ୍ୟ ସର୍ତ୍ତ ରଖିଛନ୍ତି । ତେଣୁ ପୁଣ୍ୟ କର୍ମ କହିଲେ ଏଭଳି କର୍ମକୁ ବୁଝାଏ ଯେ, ଯହିଁରେ ତିଳେ ମାତ୍ର ଉପଦ୍ରବ ନଥିବ । ମନେରଖ ! ମନୁଷ୍ୟର କର୍ମ ଉପରେ ସର୍ବଦା ଚୋରମାନ ଆକ୍ରମଣ କରିଥାଆନ୍ତି। ସେହି ଚୋରମାନେ କିଏ ? ସେହି ଚୋରମାନେ ହେଲେ, ଲୋକ ଦେଖାଣିଆ କର୍ମ କରୁଥିବା ବ୍ୟକ୍ତି । ଅର୍ଥାତ ମନୁଷ୍ୟ ଯେତେବେଳେ ଲୋକମାନଙ୍କୁ ଦେଖାଇବା ପାଇଁ ଲୋକ ଦେଖାଣିଆ କର୍ମ କରିଥାଏ ସେତେବେଳେ ମନୁଷ୍ୟ କର୍ମ ଉପରେ ସର୍ବଦା ଚୋର ଆକ୍ରମଣ କରିଥାଏ । ସେହିପରି ଦ୍ୱିତୀୟ ଚୋର ହେଲା ଅତ୍ମାଭିମାନ ବା ଅହଂକାର । ଅର୍ଥାତ ବ୍ୟକ୍ତି ଯେତେବେଳେ କୌଣସି କର୍ମ କରି ନିଜ ମନ ଭିତରେ ପ୍ରସନ୍ନିତ ହୁଏ ଯେ, ମୁଁ ଆଜି ଅମକ ପୁଣ୍ୟ କାର୍ଯ୍ୟ କରି ନେଇଛି। କିନ୍ତୁ ଏସବୁ ସତ୍ତ୍ୱେ ସେ ନାନା ପ୍ରକାରର କୁକର୍ମରେ ଏବଂ ପାପ କାର୍ଯ୍ୟରେ ଲିପ୍ତ ରହିଥାଏ। ତେଣୁ ଏହି କାର୍ଯ୍ୟଗୁଡ଼ିକ ହେଉଛି ଚୌର୍ଯ୍ୟ (ଚୋରମାନଙ୍କର କାର୍ଯ୍ୟ)। ଏହା ଦ୍ୱାରା କର୍ମ ଖଣ୍ଡିତ ତଥା ଅସତ୍ୟ ହୋଇଯାଇଥାଏ । ସତ୍‌କର୍ମ କହିଲେ ଯହିଁରେ ଅନ୍ୟାୟ, ଅତ୍ୟାଚାର, ଅହଂକାର, ଲୋକ ଦେଖାଣିଆ, ମାନବାଧିକାର କ୍ଷୁର୍ଣ୍ଣ ହେବାର ଆଶଙ୍କା ମଧ୍ୟ ନଥିବ । ଯେପରିକି ପ୍ରଳୟ ଦିବସରେ ମନୁଷ୍ୟ ନିଜର ସତ୍‌କର୍ମ ବା ସୁକର୍ମ ଯୋଗୁଁ ହିଁ ରକ୍ଷା ପାଇଯିବ । ଠିକ୍ ସେହିପରି ସଂସାରରେ ମଧ୍ୟ ସେ କୁକର୍ମରୁ ବର୍ତ୍ତି ଯାଇଥାଏ ।

ଯଦି ସମଗ୍ର ପରିବାରରେ ଜଣେ ପୁଣ୍ୟବାନ ଓ ସାଧୁ ବ୍ୟକ୍ତି ଥାଏ ତେବେ ସମସ୍ତ ପରିବାର ତା' ଯୋଗୁଁ ବର୍ତ୍ତି ଯାଇଥାଏ । ମନେକର ଯେପର୍ଯ୍ୟନ୍ତ ଆପଣମାନଙ୍କ ମଧ୍ୟରେ ଅର୍ଥାତ ଆଚାର ବ୍ୟବହାର ଓ ଚାଲିଚଳନରେ ସୁକର୍ମ ଦେଖାଦେଇ ନାହିଁ ତେବେ ସେପର୍ଯ୍ୟନ୍ତ ଖାଲି ବିଶ୍ୱାସ କରିନେବା ଏବଂ ମାନିନେବା ମୂଲ୍ୟହୀନ ହୋଇଯିବ । ଯେତେବେଳେ ଜଣେ ଡାକ୍ତର ରୋଗୀକୁ ଚିକିତ୍ସା ନିମନ୍ତେ କୌଣସି ଔଷଧ ପତ୍ର ଲେଖି ଦିଅନ୍ତି ସେତେବେଳେ ତହିଁରୁ ଏହା ଯଥାର୍ଥ ଯେ, ଡାକ୍ତର ଜଣକ ସେହି ପ୍ରେସ୍‌କ୍ରିପ୍‌ସନ୍‌ରେ (ବ୍ୟବସ୍ଥାପତ୍ର/ଚିରୋଭାଗ) ଯାହାକିଛି (ଔଷଧପତ୍ର) ଲେଖିଛନ୍ତି ତାହାକୁ ରୋଗୀ ଜଣକ ନେଇ ସେବନ କରୁ । ଯଦି ରୋଗୀ ଡାକ୍ତରଙ୍କ ପରାମର୍ଶ ଏବଂ ତାଙ୍କ ଦ୍ୱାରା ଲିଖିତ ବ୍ୟବସ୍ଥାପତ୍ରକୁ ବ୍ୟବହାର ନକରି ଏବଂ ଖାଲି ବ୍ୟବସ୍ଥାପତ୍ର ଧରି ନିଜ ପାଖରେ ରଖିନିଏ ଏବଂ ଔଷଧ ପତ୍ର ସେବନ ନକରେ ତେବେ ତାହା ମୂଲ୍ୟହୀନ ଅଟେ । ତହିଁରୁ ରୋଗୀକୁ କି ଲାଭ ଓ କି ଉପଶମ ମିଳିବ ବା ? ସୁତରାଂ ଆମମାନଙ୍କର ଏହି କାର୍ଯ୍ୟ ଯେ, ଆମେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ବର୍ଣ୍ଣିତ ଉପଦେଶ ଉପରେ କାର୍ଯ୍ୟାନୁସରଣ କରିବା ପ୍ରତି ଉଦ୍ୟମ କରିବା ଉଚିତ । ଏହା ଅତ୍ୟନ୍ତ ଆବଶ୍ୟକୀୟ ଓ ଅପିରାହାର୍ଯ୍ୟ ବସ୍ତୁ ଅଟେ। ଅନ୍ୟଥା ବୈଅତ୍ କରିବା ମୂଲ୍ୟହୀନ ଅଟେ ।

ହୁଜୁର ଅ.ସ କୁହନ୍ତି, ବର୍ତ୍ତମାନ ତୁମେମାନେ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ଯାଚନା କରିଅଛ ଏବଂ ଅଲ୍ଲାଃତାଲା ଭବିଷ୍ୟତରେ ଏହା ଦେଖିବାକୁ ଚାହୁଁଛନ୍ତି ଯେ, ସେହି କ୍ଷମା ଯାଚନା ମାଧ୍ୟମରେ ତୁମେମାନେ ନିଜକୁ କେତେ ଦୂର

### ହଦିସେ ନବଵୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ପର୍ଯ୍ୟନ୍ତ ସ୍ୱଚ୍ଛ ତଥା ନିର୍ମଳ କରିଛ ? ବର୍ତ୍ତମାନ ସେହି ସମୟଟି ଆସି ଯାଇଛି ଯେ, ଧର୍ମପରାୟଣତା ମାଧ୍ୟମରେ ହିଁ ଅଲ୍ଲାଃତାଲା ସମସ୍ତଙ୍କ ମଧ୍ୟରେ ଏକ ପ୍ରଭେଦ ସୃଷ୍ଟି କରିବାକୁ ଚାହୁଁଛନ୍ତି । ସୁତରାଂ ତୁମେମାନେ ଶୁଦ୍ଧପୂତ ମନ ହୋଇ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ପ୍ରାର୍ଥନା କର । ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ଉପରେ ଏହି ଅଭିଯୋଗ ଓ ଅଭିମାନ କରିଥାଆନ୍ତି ହେଲେ ନିଜ ଆତ୍ମା ତଥା ଆବସ୍ଥାକୁ ଅନୁଧ୍ୟାନ କରନ୍ତି ନାହିଁ । ମନୁଷ୍ୟ ସର୍ବଦା ନିଜ ଆତ୍ମା ଉପରେ ଅତ୍ୟାଚାର କରିଥାଏ ଅନ୍ୟଥା ଅଲ୍ଲାଃତାଲା ତ' ଅଶେଷ ଦୟାବାନ ଏବଂ ସଦା କରୁଣାମୟ । ଏଭଳି ଅନେକ ଲୋକମାନେ ଅଛନ୍ତି ଯେଉଁମାନଙ୍କୁ ନିଜର ପାପ ବା ଅପକର୍ମ ସଂପର୍କରେ ଜ୍ଞାତ ଥାନ୍ତି ଏବଂ ଅନେକ ଲୋକମାନେ ଏଭଳି ଅଛନ୍ତି ଯେଉଁମାନଙ୍କୁ ନିଜର ପାପ ସଂପର୍କରେ କୌଣସି ସୂଚନା ନଥାଏ ବା ସେମାନେ ନିଜର ପାପ କର୍ମ ସମ୍ପାଦନ ଦ୍ୱାରା ସଂପୂର୍ଣ୍ଣ ଅବଚେତନ ଓ ଅଜ୍ଞାତ ହୋଇ ରହିଥାଆନ୍ତି । ଏଣୁ ଅଲ୍ଲାଃତାଲା ସର୍ବଦା **ଅସ୍ତଗ୍‌ଫିରୁଲ୍ଲାଃ** (ଈଶ୍ୱରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବା) କରିବା ଅନିର୍ବାର୍ଯ୍ୟ ବୋଲି ବିବେଚିତ କରିଛନ୍ତି। ମନୁଷ୍ୟ କେତେବେଳେ କେଉଁ କଥା କହିଯାଏ ଯାହା ବିଷୟରେ ସେ ଅବଗତ ନଥାଏ । ଅତଏବ ତୁମେମାନେ ସର୍ବଦା ଅସ୍ତଗ୍‌ଫିରୁଲ୍ଲାଃ କରୁଥାଅ ! କାରଣ ମନୁଷ୍ୟ ପ୍ରତ୍ୟେକ ପାପ ନିମନ୍ତେ ସେ ପଛେ ପ୍ରକାଶ୍ୟ ହେଉ ଅବା ଗୁପ୍ତ, ଜ୍ଞାତ ସାରରେ ହେଉ କି ଅଜ୍ଞାତ ସାରରେ ହେଉ, ହାତ ଦ୍ୱାରା ସମ୍ପାଦିତ ହେଉ ଅବା ପାଦ ଦ୍ୱାରା ସମ୍ପାଦିତ ହେଉ, ତୁଣ୍ଡରୁ ହେଉ ଅବା ନାକ ଦ୍ୱାରା ହେଉ, କାନ ଦ୍ୱାରା ହେଉ କି ଆଖି ଦ୍ୱାରା ସମ୍ପାଦିତ ହେଉ ସେହି ସମସ୍ତ ପ୍ରକାରର ପାପ କର୍ମ ଠାରୁ ମନୁଷ୍ୟ **ଅସ୍ତଗ୍‌ଫିରୁଲ୍ଲାଃ** (କ୍ଷମା ପ୍ରାର୍ଥନା) କରୁଥାଉ । ଆଜିକାଲି ହ. ଆଦମ୍ ଅ.ସଙ୍କ ଦୁଆକୁ ବହୁଳ ରୂପେ ପଢିବା ଉଚିତ ଅର୍ଥାତ "رَبَّنَا ظَلَمْنَا أَنْفُسَنَا وَإِنْ لَّمْ تَغْفِرْ لَنَا وَتَرْحَمْنَا لَنَكُونَنَّ مِنَ الْخَاسِرِينَ **(ଅଲ୍ ଆରାଫ୍:24)**ଏହି ଦୁଆଟି ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱୀକୃତ ହୋଇ ସାରିଛି । ତେଣୁ ତୁମେମାନେ ଅବଚେତନ ହୋଇ ନିଜ ଜୀବନକୁ ଅତିବାହିତ କର ନାହିଁ । ତେଣୁ ଯେଉଁ ବ୍ୟକ୍ତି ଅବଚେତନ ହୋଇ ନିଜର ଜୀବନକୁ ଅତିବାହିତ କରିଥାଏ ତେବେ ସେହି ବ୍ୟକ୍ତି ସଂପର୍କରେ ଏହା ଆଶା କାରାଯାଇ ପାରିବ ନାହିଁ ଯେ, ସେ ଶକ୍ତି ବହିର୍ଭୂତ କୌଣସି ବିପଦର ସମ୍ମୁଖୀନ ହେବ । କୌଣସି ବିପତ୍ତି ପ୍ରଭୁଙ୍କ ଆଦେଶ ବିନା କଦାପି ଅବତୀର୍ଣ୍ଣ ହୋଇ ନଥାଏ । ହୁଜୁର ଅ.ସ କୁହନ୍ତି, ଯେପରିକି ମୋତେ ଏହି ଐଶୀବାଣୀ ହେଲା ଯେ, رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِي وَانْصُرْنِي وَارْحَمْنِي। ତେଣୁ ଏହି ଦୁଆ ମଧ୍ୟ ବହୁଳ ଭାବରେ ପାଠ କରିବା ଉଚିତ ।

**(ମଲ୍‌ଫୁଜାତ୍, ଭାଗ-4, ପୃ-274-276, ପ୍ରକାଶନ ବର୍ଷ 1984 ମସିହା)**

ଆତ୍ମଶୁଦ୍ଧି ଦ୍ୱାରା ହିଁ ମନୁଷ୍ୟ ବୁଦ୍ଧିମାନ ହୋଇଥାଏ । ତେଣୁ ମନୁଷ୍ୟ ଯେଉଁଭଳି ଭାବରେ ନିଜର ଆତ୍ମାକୁ ଶୁଦ୍ଧ କିରଥାଏ ଠିକ୍ ସେହିଭଳି ତା'ର ବୁଦ୍ଧିରେ ପ୍ରଖରତା ସୃଷ୍ଟି ହୋଇଥାଏ ଏବଂ ତା' ସମ୍ମୁଖରେ ଈଶ୍ୱରଦୂତ ଛିଡ଼ା ହୋଇ ତା'କୁ ସାହାଯ୍ୟ କରିଥାନ୍ତି । କିନ୍ତୁ ପାପ ପଙ୍କିଳ ଜୀବନ ଅତିବାହିତକାରୀଙ୍କ ମସ୍ତିଷ୍କରେ ସେହି ଆଲୋକ ବା ରଶ୍ମୀ କଦାପି ପ୍ରବିଷ୍ଟ କରି ନଥାଏ । ତେଣୁ ଆପଣମାନେ ଧର୍ମ ପରାୟଣତା ମାର୍ଗ ଅବଲମ୍ବନ କରନ୍ତୁ । ଫଳତଃ ପ୍ରଭୁ ତୁମ୍ଭ ସହିତ ହୋଇଯିବେ । ସତ୍ୟବାଦୀ ବ୍ୟକ୍ତିଙ୍କ ଗହଣରେ ରୁହ କାରଣ ଧର୍ମନିଷ୍ଠତାର ସତ୍ୟତା ତୁମମାନଙ୍କ ଉପରେ ଉନ୍ମୋଚିତ ହେବ । ଫଳତଃ ତୁମକୁ ପ୍ରତ୍ୟେକ ସୁକର୍ମ ଏବଂ ଧର୍ମନିଷ୍ଠତା ଅବଲମ୍ବନ କରିବାକୁ ସାମର୍ଥ୍ୟ ପ୍ରାପ୍ତ ମଧ୍ୟ ହେବ । ମୋର ଏହି ଉଦ୍ଦେଶ୍ୟ ତଥା ଲକ୍ଷ୍ୟ ରହିଛି ଏବଂ ଏହି ଉଦ୍ଦ୍ୟେଶ ତଥା ଅଭିପ୍ରାୟକୁ ମୁଁ ପୃଥିବୀରେ ସ୍ଥାପନ କରିବାକୁ ଚାହୁଁଛୁ ।

**(ମଲ୍‌ଫୁଜାତ୍, ଭାଗ-4, ପୃ-448, ପ୍ରକାଶନ ବର୍ଷ 1984 ମସିହା)**

ଆପଣ ଅ.ସ କୁହନ୍ତି, ଉପରୋକ୍ତରେ ମୁଁ ଆପଣମାନଙ୍କ ପାଇଁ ଯେଉଁ ଉପଦେଶଗୁଡ଼ିକ ବର୍ଣ୍ଣିତ କରିଅଛି ତାହାକୁ ଆପଣମାନେ ସର୍ବଦା ସ୍ମରଣ ରଖନ୍ତୁ। କାରଣ ଯଦି କୌଣସି ଚିନ୍ତା ମୋ ମସ୍ତିଷ୍କକୁ ଉଙ୍କି ମାରିଥାଏ ତେବେ ତାହା ଏହିପରି ଯେ, ସଂସାରରେ (ରିସ୍ତାନାତା) ନିର୍ବନ୍ଧ ତ' ହୁଏ, କେତେକ ନିର୍ବନ୍ଧ ସୌନ୍ଦର୍ଯ୍ୟାନୁଯାୟୀ ହୋଇଥାଏ ତ' ଆଉ କେତେକ ବଂଶାନୁଯାୟୀ କିମ୍ବା ସମ୍ପତ୍ତି ଅନୁଯାୟୀ କେତେକ ନିର୍ବନ୍ଧ ହୋଇଥାଏ । ପରମେଶ୍ୱର କିନ୍ତୁ ସେସବୁ ପ୍ରସଙ୍ଗକୁ ଭୃକ୍ଷେପ ବା ଖାତିର୍ କରନ୍ତି ନାହିଁ । ଅତଏବ୍ ସେ ସ୍ୱଷ୍ଟ ରୂପେ ଏହା ଦର୍ଶାଇ ଦେଲେ ଯେ, إِنَّ أَكْرَمَكُمْ عِنْدَ اللَّهِ أَتْقَاكُمْ। ଅର୍ଥାତ ଅଲ୍ଲାଃତାଲାଙ୍କ ନିକଟରେ ଧର୍ମନିଷ୍ଠ ବ୍ୟକ୍ତି ହିଁ ସମ୍ମାନିତ ଅଟେ । ବର୍ତ୍ତମାନ ଯେଉଁମାନେ ଧର୍ମାଭିମାନୀ ଏବଂ ଯେଉଁମାନେ ଧର୍ମନିଷ୍ଠ ବ୍ୟକ୍ତି ଓ ଯେଉଁ ଜମାଅତ୍ ଧର୍ମନିଷ୍ଠ ହୋଇଥିବ ଅଲ୍ଲାଃତାଲା ସେହିଭଳି ବ୍ୟକ୍ତି ଏବଂ ସେହିଭଳି ଜମାଅତ୍‌କୁ ଧରା ପୃଷ୍ଠରେ ବାକି ରଖିବେ ଓ ଅନ୍ୟ ସବୁକୁ ସେ ନିପାତ କରିଦେବେ । ଏହା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଓ ସମ୍ବେଦନଶୀଳ ସ୍ଥାନ ଅଟେ । ଏଠାରେ ଦୁଇଜଣ ବ୍ୟକ୍ତି ଓ ଗୋଷ୍ଠୀ ଅର୍ଥାତ ଧର୍ମ ନିଷ୍ଠ ବ୍ୟକ୍ତି, ଧର୍ମ ନିଷ୍ଠ ଜମାଅତ୍ ଏବଂ ଅପବିତ୍ର ବ୍ୟକ୍ତି ଓ ବିଧର୍ମୀ ଗୋଷ୍ଠୀ କଦାପି ତିଷ୍ଠି ପାରିବେ ନାହିଁ । ନିଃସନ୍ଦେହ ଧର୍ମପରାୟଣ ବ୍ୟକ୍ତି ହିଁ ତିଷ୍ଠି ପାରିବ ଏବଂ ଦୁରାଚାରୀ ପାପୀ ବ୍ୟକ୍ତିର ହିଁ ସର୍ବନାଶ ଘଟିବ । ତେଣୁ ଅଲ୍ଲାଃତାଲା ହିଁ ତତ୍‌ସଂକ୍ରାନ୍ତରେ ସର୍ବଜ୍ଞ ଅଟନ୍ତି ଯେକି ଏହା ଜାଣନ୍ତି ଯେ କିଏ ଧର୍ମନିଷ୍ଠ ବ୍ୟକ୍ତି ଏବଂ କିଏ ଦୁରାଚାରୀ ? ସୌଭାଗ୍ୟଶାଳୀ ହେଉଛନ୍ତି ସେହି ବ୍ୟକ୍ତିମାନେ ଯେଉଁମାନେ ଧର୍ମନିଷ୍ଠ ଅଟନ୍ତି ଏବଂ ଭାଗ୍ୟହୀନ ହେଉଛନ୍ତି ସେହି ବ୍ୟକ୍ତିମାନେ ଯେଉଁମାନେ କୁକର୍ମ କରି ପ୍ରଭୁଙ୍କ ଅଭିଶାପର ଓ ରୋଷର ଶିକାର ହୁଅନ୍ତି ।

**(ମଲ୍‌ଫୁଜାତ୍, ଭାଗ-3, ପୃ-239-238, ପ୍ରକାଶନ ବର୍ଷ 1984 ମସିହା)**

ଅତଏବ୍ ଆପଣମାନେ ସର୍ବଦା ଅସ୍ତଗ୍‌ଫିରୁଲ୍ଲାଃ (କ୍ଷମାଯାଚନା), ଶୈତାନ୍‌ର ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଆମମାନଙ୍କୁ ପ୍ରଭୁଙ୍କ ଶରଣାପନ୍ନ ହେବା ନିମନ୍ତେ ପ୍ରୟାସ କରିବା ଉଚିତ । ହୁଜୁର ଅ.ସ କୁହନ୍ତି : ଏହି ସଂପ୍ରଦାୟରେ ପ୍ରବିଷ୍ଟ ହୋଇ ଅନ୍ୟମାନଙ୍କ ଅପେକ୍ଷା ତୁମମାନଙ୍କର ଅସ୍ତିତ୍ୱ ସଂପୂର୍ଣ୍ଣ ଭିନ୍ନ ହେବା ଉଚିତ । ତୁମେମାନେ ଏକ ନିଆରା ଜୀବନ ଅତିବାହିତକାରୀ ବ୍ୟକ୍ତି ରୂପେ ରୂପାନ୍ତରିତ ଓ ପରିଗଣିତ ହୋଇଯାଅ । ତୁମେମାନେ ପୂର୍ବେ ଯେପରି ଥିଲ ଜମାଅତ୍‌ରେ ପ୍ରବିଷ୍ଟ ହେଲା ପରେ ସେହିପରି ହେବା ଅନୁଚିତ । ଏହା ଭାବ ନାହିଁ ଯେ, ତୁମେମାନେ ପ୍ରଭୁଙ୍କ ମାର୍ଗରେ ନିଜକୁ ପରିବର୍ତ୍ତନ କରିବା ଦ୍ୱାରା ଅଭାବି ଓ ଦରିଦ୍ର ହୋଇଯିବ କିମ୍ବା ତୁମମାନଙ୍କର ଅନେକ ଶତ୍ରୁ ଉତ୍ପନ୍ନ ହୋଇଯିବେ ? ନା। ବରଂ ଅଲ୍ଲାଃତାଲାଙ୍କ ଦଉଡ଼ିକୁ ଯେଉଁ ବ୍ୟକ୍ତି ଜାବୁଡ଼ି ଧରି ରଖେ ତେବେ ସେ କେବେହେଲେ ଅଭାବ ଓ ଅନଟନର ଶିକାର ହୁଏ ନାହିଁ । ତା' ଉପରେ କେବେ ବି ଦୁର୍ଦ୍ଦିନ ଆସେ ନାହିଁ । ଅଲ୍ଲାଃତାଲା ଯେଉଁ ବ୍ୟକ୍ତିର ସାଥି ଓ ସହାୟକ ହୋଇ ଯାଆନ୍ତି ତା'ର ଯଦି ସମସ୍ତ ସଂସାର ଶତ୍ରୁ ପାଲଟିଯାଏ ତେବେ ଚିନ୍ତା କରିବାର କୌଣସି ଆବଶ୍ୟକତା ହିଁ ନାହିଁ । (କାରଣ ପ୍ରବାଦରେ କୁହାଯାଇଛି ଯେ, ଅରକ୍ଷିତକୁ ଦୈବ ସାହା) । ବିଶ୍ୱାସକାରୀ ଯେତେବେଳେ କୌଣସି ସମସ୍ୟାରେ ପଡ଼େ ତେବେ ସେତେବେଳେ ସେ କଦାପି କୌଣସି କଷ୍ଟରେ ନଥାଏ ବରଂ ସେହି ଦିନ ତା' ନିମନ୍ତେ ସ୍ୱର୍ଗର ଅଧିକାରୀ ଦିନ ସାବ୍ୟସ୍ତ ହୋଇଥାଏ । ଈଶ୍ୱରଦୂତମାନେ ମା ପରି ତା'କୁ ନିଜ କୋଳରେ କୋଳାଇ ନିଅନ୍ତି ।

ଏହି ପରମେଶ୍ୱର ହିଁ عَلَىٰ كُلِّ شَيْءٍ قَدِيرٌ। ଅର୍ଥାତ ସର୍ବ ଶକ୍ତିମାନ ଅଟନ୍ତି । ସେ ଆଦୃଷ୍ଟ ବିଷୟକୁ ଜାଣନ୍ତି ଏବଂ ସେ ଚିରଞ୍ଜୀବୀ । ସେହି ପ୍ରଭୁଙ୍କ ସାମୀପ୍ୟତାକୁ ଏବଂ ତାହାଙ୍କ ଦଉଡ଼ିକୁ ଧରିନେଲେ କୌଣସି ଦୁଃଖ କଷ୍ଟ ଅନୁଭୂତ ହୁଏ ନାହିଁ ? କଦାପି ନୁହଁ । ଅଲ୍ଲାଃତାଲା ନିଜର ପ୍ରକୃତ ଭକ୍ତଙ୍କୁ ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଉଦ୍ଧାର କରନ୍ତି ଯେ ସମଗ୍ର ଜଗତ ଆଶ୍ଚର୍ଯ୍ୟଚକିତ ହୋଇ ରହିଯାଇଥାଏ। ହ. ଇବ୍ରାହିମ୍ ଅ.ସଙ୍କୁ ଯେତେବେଳେ ଅଗ୍ନୀ ମଧ୍ୟକୁ ନେକ୍ଷେପ କରାଗଲା ଓ ଯେତେବେଳେ ସେ ସେହି ଅଗ୍ନୀ ମଧ୍ୟରୁ ଜୀବନ୍ତ ବାହାରି ଆସିଥିଲେ ସେତେବେଳେ ସଂସାରବାସୀମାନେ ଏହି ବିଚିତ୍ର ଦୃଶ୍ୟକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇ ନଥିଲେ ? ସେହିପରି ଏକ ଭୟଙ୍କର ଝଡ଼ ବତାସରେ ହ. ନୁହ୍ ଅ.ସଙ୍କ ଓ ତାଙ୍କର ସହଚର ଅନୁଗାମୀମାନଙ୍କର ସକୁଶଳେ ମୃତ୍ୟୁ ରୂପକ ବିପତ୍ତିରୁ ଉଦ୍ଧାର ପାଇବା କ'ଣ ସାମାନ୍ୟ କଥା ବା ସାମନ୍ୟ ଘଟଣା ଥିଲା ? ଏହିପ୍ରକାରର ଅନେକ ନଜୀର୍ (ଦୃଷ୍ଟାନ୍ତ) ମହଜୁଦ୍ ରହିଛି ଏବଂ ସ୍ୱୟଂ ପ୍ରଭୁ ସେହି କାଳରେ ନିଜ ହସ୍ତ ପ୍ରଶସ୍ତ କରି ଐଶୀ ଚମତ୍କାର ପ୍ରଦର୍ଶନ କରିଥିଲେ । ହ. ମସିହ୍ ମଉଦ୍ ଅ. କୁହନ୍ତି, ଦେଖ ! ମୋ ଉପରରେ ରକ୍ତ ଏବଂ ହତ୍ୟା କରିବା ମକଦମା ଦାଏର୍ ହୋଇଥିଲା ଏବଂ


**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଜଣେ ବରିଷ୍ଠ ପାଦ୍‌ରୀ ଯେକି ଏହା ଦାବି କରୁଥିଲା ଯେ, ମୁଁ ହିଁ ହତ୍ୟା କରିଛି। ସେହିପରି ଆର୍ଯ୍ୟ ସମାଜ ଓ କେତେକ ମୁସଲମାନ ବ୍ୟକ୍ତିମାନେ ସେହି ପାଦ୍‌ରୀ ସହିତ ମିଶିଗଲେ ତାହାକୁ ସମର୍ଥନ ଜଣାଇଲେ । କିନ୍ତୁ ଶେଷରେ ତାହା ହିଁ ହେଲା ଯାହାକି ପୂର୍ବ ନିର୍ଦ୍ଧାରିତ ଓ ନିୟତିକୃତ ହୋଇଥିଲା ଏବଂ ମୋତେ ଅବ୍ରାର୍ ଅର୍ଥାତ ଅଲ୍ଲାଃତାଲା ମୋତେ ସସମ୍ମାନେ ନିର୍ଦ୍ଦୋଷ ସାବ୍ୟସ୍ତ କରି ଖଲାସ କଲେ ।

**(ମଲ୍‌ଫୁଜାତ୍, ଭାଗ-3, ପୃ-263-264, ପ୍ରକାଶନ ବର୍ଷ 1984 ମସିହା)**

ଅଲ୍ଲାଃତାଲା ଆମମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଉପଦେଶ ଓ ତାହାଙ୍କ ଆଶାନୁଯାୟୀ ନିଜର ଜୀବନକୁ ଅତିବାହିତ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ବାସ୍ତବରେ ଆମେମାନେ ନିଜର ଜୀବନଚର୍ଯ୍ୟାରେ ଏକ ଅଭୁତପୂର୍ବ ପବିତ୍ର ପରିବର୍ତ୍ତନ ସୃଷ୍ଟିକାରୀ ବ୍ୟକ୍ତି ରୂପେ ପରିଗଣିତ ହୋଇଯାଉ । ଜଲ୍‌ସାର ଏହି ଦିନମାନଙ୍କରେ କାଦିଆନରେ ମଧ୍ୟ ଏବଂ ପ୍ରତ୍ୟେକ ଦେଶରେ ଯେଉଁ ଯେଉଁଠି ଜଲ୍‌ସା ଅନୁଷ୍ଠିତ ହେଉଅଛି ପ୍ରତ୍ୟେକ ସମ୍ମିଳିତ ଅଂଶଗ୍ରହଣକାରୀଙ୍କୁ ବିଶେଷ ରୂପେ ନିଜର ସମୟକୁ ଦୁଆରେ ଅତିବାହିତ କରନ୍ତୁ ଓ ଏହି ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ଆମମାନଙ୍କୁ ବୈଅତ୍ (ଦୀକ୍ଷା)ର ପ୍ରକୃତ ମର୍ମକୁ ହୃଦୟଙ୍ଗମ କରି ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ପୃଥିବୀର ପ୍ରତ୍ୟେକ ଅହେମଦି ଏହି କଥା ଉପରେ ବିଚାର କରନ୍ତୁ ଯେ, କ'ଣ ସେମାନେ ହେଉଛନ୍ତି ସେହି ଅହେମଦି ଓ ସେହି ଧର୍ମନିଷ୍ଠ ବ୍ୟକ୍ତି ଯେଉଁମାନଙ୍କ ଠାରୁ ହ. ମସିହ୍ ମଉଦ୍ ଅ.ସ ଏହି ଆଶା ପୋଷଣ କରିଛନ୍ତି ଯେ, ସେମାନେ ଧର୍ମନିଷ୍ଠ ଅବା ପ୍ରକୃତ ଅହେଦମି ହୁଅନ୍ତୁ ? ଯଦି ନୁହେଁ ତାହାହେଲେ ଆମମାନଙ୍କୁ ସର୍ବଦା ଏଥି ନିମନ୍ତେ ଉଦ୍ୟମ ଏବଂ ଦୁଆ କରିବା ଉଚିତ୍ । ଅଲ୍ଲାଃତାଲା ଏଥି ନିମନ୍ତେ ଆମ ସମସ୍ତଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ବର୍ତ୍ତମାନ ମୁଁ କେତେକ ମୃତକ ବ୍ୟକ୍ତିମାନଙ୍କର ଚର୍ଚ୍ଚା କରିବି । ଏକ ଯନାଜାଃ ହାଜିର (ଉପସ୍ଥିତ) ରହିଛି । ପାର୍ଥିବ ଶରୀର ଆସିଯାଇଛି (ହୁଜୁର ଲୋକଙ୍କୁ ପଚାରୁଛନ୍ତି) ? **ପ୍ରଥମ** ଯନାଜାଃ ହାଜିର୍ ହେଉଛି ଫଜଲ୍ ଅହେମଦ ଡ଼ୋଗର ସାହେବଙ୍କର । ସ୍ୱର୍ଗତ ଯାମିଆ ଅହେମଦିୟା ୟୁ.କେର ଜଣେ କର୍ମଚାରୀ ଥିଲେ। ସ୍ୱର୍ଗତ ଫଜଲ୍ ସାହେବ ଚୌଧୁରୀ ଅଲ୍ଲାଃଦତ୍ତା ଡୋଗର୍ ସାହେବଙ୍କର ସୁପୁତ୍ର ଥିଲେ । ଗତ ଡିସେମ୍ବର ୨୧ ତାରିଖ ଦିନ ତାଙ୍କର ପରଲୋକ ହୋଇଯାଇଛି। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ। ସ୍ୱର୍ଗତ ଫଜଲ୍ ସାହେବ ଓସିୟତ୍ କରିଥିଲେ । ମତୃକ ଶୋକ ସନ୍ତପ୍ତଙ୍କ ପରିବାର ମଧ୍ୟରେ ତାଙ୍କର ପତ୍ନୀ ରହିଛନ୍ତି ଯାହାଙ୍କ ନାମ ହେଲା ଉଜ୍‌ମା ଫଜଲ୍ ସାହେବା ଏବଂ ଚାରି ଜଣ ପୁତ୍ର ଏବଂ ତିନି ଜଣ କନ୍ୟା ସନ୍ତାନ ରହିଛନ୍ତି । ସ୍ୱର୍ଗତ ଫଜଲ୍ ସାହେବ ୧୯୯୨ ମସିହାରେ ୟୁ.କେ ଚାଲି ଆସିଥିଲେ। ଏହାପରେ ସେ କାର୍ଯ୍ୟ କରି ୧୯୯୯ ମସିହାରେ ନିଜକୁ ୱକ୍‌ଫେ ଜନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ରୂପେ ଉପସ୍ଥାପିତ କରି ଦେଇଥିଲେ ଏବଂ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ କାଳରେ ସେ ନିଜକୁ ୱକ୍‌ଫେ ଜିନ୍ଦିଗୀ ରୂପେ ଉପସ୍ଥାପିତ କିରଦେଇଥିଲେ । ସ୍ୱର୍ଗତଙ୍କ ସବିନୟ ଅନୁରୋଧକୁ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଅତ୍ୟନ୍ତ ବିନୀତତାର ସହ ଗ୍ରହଣ କରିଥିଲେ ଏବଂ ସ୍ୱର୍ଗତ ଫଜଲ୍ ସାହେବଙ୍କୁ ବ୍ୟକ୍ତିଗତ ଭାବରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ଏହିପରି ଭାବରେ ଦେଖିବାକୁ ଗଲେ ସ୍ୱର୍ଗତଙ୍କର ସେବାର କାର୍ଯ୍ୟକାଳ ଅତ୍ୟନ୍ତ ବ୍ୟାପକ ଅଟେ । ପୁନଶ୍ଚ ଏହାପରେ ସ୍ୱର୍ଗତଙ୍କୁ ଖଲିଫା ରାବେ ର.ଅ ଯାମିୟା ଅହେମଦିୟା ୟୁ.କେରେ ନିଯୁକ୍ତ କରିଥିଲେ ଏବଂ ତାଙ୍କୁ କିଛି ଡିୟୁଟି ମଧ୍ୟ ନ୍ୟସ୍ତ କରିଥିଲେ । ଏହାପରେ ସେ ଲାଇବ୍ରେରୀ (ପାଠାଗାର)ର ଇନ୍‌ଚାର୍ଜ (ପାଠାଗାର ମୁଖ୍ୟ) ହୋଇଥିଲେ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ସେବା କରିବା ନିମନ୍ତେ ସାମର୍ଥ୍ୟ ଲାଭ କରିଥିଲେ।

ବର୍ତ୍ତମାନ ମୁଁ କେତେକ ମୃତକ ବ୍ୟକ୍ତିମାନଙ୍କର ଚର୍ଚ୍ଚା କରିବି । ଏକ ଯନାଜାଃ ହାଜିର୍ ଯାମିଆ ଅହେମଦିୟା ୟୁ.କେର ଜନୈକ ଶିକ୍ଷକ ହାଫିଜ୍ ମଶ୍‌ହୁଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ଫଜଲ୍ ଡୋଗର୍ ସାହେବଙ୍କ ବ୍ୟକ୍ତିତ୍ୱ ସଂପର୍କରେ ଯଦି କୁହାଯାଏ ଯେ, ସେ ଖିଲାଫତ୍‌ର ପ୍ରକୃତ ପ୍ରେମୀ, ବିଶ୍ୱସ୍ତ ଓ ପ୍ରାଣୋତ୍ସର୍ଗୀ ବ୍ୟକ୍ତି ଅଟନ୍ତି ତେବେ ତାହା ଅତ୍ୟୁକ୍ତି ହେବ ନାହିଁ । ପୁନଶ୍ଚ ମଶ୍‌ହୁଦ୍ ସାହେବ କୁହନ୍ତି, ଫଜଲ୍ ଡୋଗର ସାହେବ ଜଣେ ପ୍ରକୃତ ଉତ୍ସର୍ଗୀକୃତ ଜୀବନ ଥିଲେ । ଯାହାଙ୍କୁ ଆମେମାନେ ପ୍ରତ୍ୟେକ ସମୟ ଯାମିଆ ଅହେମଦିୟାର ଲାଇବ୍ରେରୀକୁ ନିଜ ସନ୍ତାନ ପରି ସୌନ୍ଦର୍ଯୀକରଣ କରୁଥିଲେ ଏବଂ ନୂତନ ରୂପରେଖ ପ୍ରଦାନ କରୁଥିବାର ଅବଲୋକନ କରିଛୁ । ପୁରୁଣା ପାଣ୍ଡୁଲିପିଗୁଡ଼ିକୁ ଆଣି ସ୍ୱୟଂ ତାହାକୁ ସ୍କାନ୍ କରୁଥିଲେ ଏବଂ ସେଗୁଡ଼ିକୁ ଆକର୍ଷଣୀୟ ଖଣ୍ଡ କରି ଲାଇବ୍ରେରୀର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥିଲେ । ନିଃସନ୍ଦେହ ତାଙ୍କର ଅକ୍ଳାନ୍ତ ପରିଶ୍ରମ ହିଁ ଯାମିଆ ଅହେମଦିୟାର ପାଠାଗାରରେ ଗଚ୍ଛିତ ରହିଛି ।

ହ. ଖଲିଫତୁଲ୍ ସମହି ରାବେ ର.ଅ ମଧ୍ୟ ତାଙ୍କର ଏକ ପତ୍ରରେ ଯାହାକି ମୋର ପିତାଶ୍ରୀ ହ. ସାହେବ୍‌ଜାଦା ମନ୍‌ସୁର୍ ଅହେମଦଙ୍କୁ ବିୟୋଗ ସମୟରେ ପ୍ରଦାନ କରିଥିଲେ, ଉକ୍ତ ପତ୍ରରେ ଚର୍ଚ୍ଚା କରିଥିଲେ ଏବଂ ତାଙ୍କର କୃତଜ୍ଞତା ଜ୍ଞାପନ କିରଥିଲେ ଓ ତାଙ୍କ କାର୍ଯ୍ୟର ଉଚ୍ଚ ପ୍ରଶଂସା ମଧ୍ୟ କରିଥିଲେ । ସ୍ୱର୍ଗତ ଫଜଲ୍ ଡୋଗର ସାହେବ ସର୍ବଦା ଜଲ୍‌ସାରେ ଡିୟୁଟି କୁରଥିଲେ । ମୋ ସହିତ ମଧ୍ୟ ରବ୍‌ୱାରେ ସେ ଜଲ୍‌ସାରେ ଡିୟୁଟି ଦେଇଥିଲେ ଏବଂ ମୁଁ ସର୍ବଦା ତାଙ୍କୁ ବହୁ ପରିଶ୍ରମୀ ଓ ଦିବାରାତ୍ର କଠିନ ପରିଶ୍ରମ କରି କାର୍ଯ୍ୟ ସମ୍ପାଦନ କୁରଥିବାର ଅବଲୋକନ କରିଥିଲି । ସେ କେବେହେଲେ ଚିନ୍ତିତ ଏବଂ ବ୍ୟତିବ୍ୟସ୍ତ ହେଉ ନଥିଲେ । ସ୍ୱର୍ଗତଙ୍କ ସୁଇଜରଲ୍ୟାଣ୍ଡର ଜ୍ୱାଇଁ ଶାହିଦ୍ ଇକ୍‌ବାଲ୍ ସାହେବ କୁହନ୍ତି, ଯେତେବେଳେ ମୁଁ ତାଙ୍କ ସହିତ କଥାବାର୍ତ୍ତା ହେଉଥିଲି ସେତେବେଳେ ମୋର ସ୍ୱର୍ଗତ ଶ୍ୱଶୁର ମୋତେ ପଚାରୁ ଥିଲେ, ନମାଜ ପଢିଛ ନା ନାହିଁ ? ସର୍ବଦା ନମାଜ ପାଠ କରିବା ପ୍ରତି ମୋତେ ଅନୁପ୍ରାଣିତ କୁରଥିଲେ ଏବଂ ଏଥିପ୍ରତି ଧ୍ୟାନ ଆକର୍ଷଣ ମଧ୍ୟ କରୁଥିଲେ । ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସେମାନଙ୍କର ସନ୍ତାନ ସନ୍ତତିକୁ ମଧ୍ୟ ଜମାଅତ୍ ସହିତ, ଖିଲାଫତ୍ ସହିତ ସର୍ବଦା ସଂଶ୍ଳିଷ୍ଟ ରଖନ୍ତୁ ।

**ଦ୍ୱିତୀୟ** ଯନାଜାଃ ଗାଏବ୍ (ଅନୁପସ୍ଥିତ) ହେଲା ସମ୍ମାନନୀୟ ସ୍ୱର୍ଗତ ମଲକ୍ ମନ୍‌ସୁର୍ ଅହେମଦ ଉମର୍ ସାହେବଙ୍କର । ସ୍ୱର୍ଗତ ରବ୍‌ୱାରେ ଜଣେ ମୁବଲ୍ଲିଗ୍ ସିଲସିଲା ଥିଲେ । ବିଗତ ଦିନ ୮୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି। إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଓସିୟତ୍ କରିଥିଲେ । ୧୯୭୦ ମିସିହାରେ ସେ ଯାମିୟା ଅହେମଦିୟାରୁ ଉନ୍ନୀତ ହେବା ପରେ ଆରବୀ ଫାଜିଲ୍ ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୭୧-୭୩ ମସିହା ପର୍ଯ୍ୟନ୍ତ ଆପଣ ଇସ୍‌ଲାମାବାଦ୍‌ର ନମଲ୍ ବିଶ୍ୱବିଦ୍ୟାଳୟରୁ ଜର୍ମାନ ଭାଷାରେ ଡିପ୍ଲୋମା ଡିଗ୍ରୀ ଲାଭ କିରଥିଲେ । ପାକିସ୍ତାନର ବିଭିନ୍ନ ସ୍ଥାନରେ ନିଯୁକ୍ତ ହେବା ପରେ ପୁନଶ୍ଚ ୧୯୭୪ ମସିହାରେ ତାଙ୍କୁ ମୁବଲ୍ଲିଗ୍ ହିସାବରେ ଜର୍ମାନୀ ପ୍ରେରଣ କରା ଯାଇଥଲା । ସେଠାରେ ସେ ପ୍ରାୟ ଦେଢ ବର୍ଷ ପର୍ଯ୍ୟନ୍ତ ରହିଥିଲେ । ପୁନଶ୍ଚ ପାକିସ୍ତାନର ବିଭିନ୍ନ ସ୍ଥାନରେ ତାଙ୍କୁ ନିଯୁକ୍ତ କରାଯାଇଥିଲେ । ପୁନଶ୍ଚ ୧୯୮୩ ମସିହା ଅକ୍ଟୋବର ମାସରେ ତାଙ୍କୁ ପୁନଃ ଜର୍ମାନୀ ପ୍ରେରଣ କରାଗଲା ଯେଉଁଠି ସେ ତିନି ବର୍ଷ ଅର୍ଥାତ ୧୯୮୬ ମସିହା ପର୍ଯ୍ୟନ୍ତ ଜଣେ ଅମୀର ଏବଂ ମିଶ୍‌ନାରୀ ଇନ୍‌ଚାର୍ଜ ଭାବରେ ଦାୟିତ୍ୱ ତୁଲାଇବା ପାଇଁ ସାମର୍ଥ୍ୟ ଲାଭ କରିଥିଲେ । ଉକ୍ତ ଅବଧି ମଧ୍ୟରେ ସେ ଜର୍ମାନୀକୁ ଆସାଇଲମ୍‌ରେ ଆସୁଥିବା ପାକିସ୍ତାନ ନାଗରିକଙ୍କୁ ଜର୍ମାନୀ ଭାଷା ଶିଖାଉ ଥିଲେ ଏବଂ ତାଙ୍କୁ ସାହାଯ୍ୟ ମଧ୍ୟ କରୁଥିଲେ । ସେ ଶୋବା ରିସ୍ତାନାତା (ବିବାହ ବିଭାଗ)ରେ ମଧ୍ୟ କାର୍ଯ୍ୟ କରିଥିଲେ। ସେ ଯାମିୟା ଅହେମଦିୟାରେ ଜର୍ମାନୀ ଭାଷାରେ ଛାତ୍ରମାନଙ୍କୁ ଅଧ୍ୟାପନା ଦେଉଥିଲେ। ସ୍ୱର୍ଗତ ମଲକ୍ ମନ୍‌ସୁର୍ ସାହେବ ଦୀର୍ଘ ୪୬ ବର୍ଷ ପର୍ଯ୍ୟନ୍ତ ସେ ୱକ୍‌ଫେ ଜିନ୍ଦିଗୀ ଭାବରେ ସେବା କରିବାକୁ ସାମର୍ଥ୍ୟ ଲାଭ କରିଥିଲେ । ତାଙ୍କର ଜଣେ ସୁପୁତ୍ରୀ ଫାଏଜା ରଇସ୍ ସାହେବା ଜାପାନର ଅନୀସ୍ ରଇସ୍ ମିଶ୍‌ନାରୀ ଇନ୍‌ଚାର୍ଜ ସାହେବଙ୍କୁ ବିବାହ କରିଥିଲେ ଏବଂ ତାଙ୍କର ପତ୍ନୀ ଥିଲେ ଓ ତାଙ୍କର ଅନ୍ୟ ଏକ ସୁପୁତ୍ର ସବାହୁଲ୍ ଜଫର୍ ମଲକ୍ ସାହେବ ମୁବଲ୍ଲିଗ୍ ସିଲସିଲା ଅଟନ୍ତି । ସେହିପରି ତାଙ୍କର ଅନ୍ୟ ସନ୍ତାନ ମଧ୍ୟ ରହିଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । **ଆମିନ୍** ।

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

" ଯୁବ ଖୁଦ୍ଦାମ ଓ ଅତଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ ବିସମିଲ୍ଲାଃହି ପାଠ କରୁ ଆଉ ଯଦି ବିସମିଲ୍ଲାଃ କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ ବିସମିଲ୍ଲାଃହି ଅୱଲହୁ ପଢିନେଉ।"

**(ତିର୍ମିଜି କିତାବୁଲ୍ ଅତଅମା )**

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

**ତୃତୀୟ** ଯନାଜାଃ ଗାଏବ ହେଲା ଗ୍ୟାମ୍ବିଆର ମୁଅଲ୍ଲିମ୍ ସିଲ୍‌ସିଲା ସମ୍ମାନନୀୟ ଇସା ଯୋଜଫ୍ ସାହେବଙ୍କର । ବିଗତ ଦିନ ଡିସେମ୍ବର ମାସରେ ୬୧ ବର୍ଷ ବୟସରେ ତାଙ୍କର ବିୟୋଗ ଘଟିଛି । إِنَّا لِلَّهِ وَإِنَّا إِلَيْهِ رَاجِعُونَ । ସେଠାକାର ନାଏବ୍ ଅମୀର୍ ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଜଣେ ସଫଳ ମୁବଲ୍ଲିଗ୍ ସିଲ୍‌ସିଲା ଥିଲା । ଯାମିଆ ଅହେମଦିୟାରୁ ଶିକ୍ଷା ସମାପ୍ତ କରି ନଥିବା ସତ୍ତ୍ୱେ ସେ ଜମାଅତ୍ ପାଇଁ ପାଗଳ ପ୍ରାୟ ଥିଲେ । ଜଣେ ସିପାହୀ ପରି ସର୍ବଦା କାର୍ଯ୍ୟ କରିବା ପାଇଁ ତତ୍ପର ରହୁଥିଲେ । ସେ କହୁଥିଲେ ଯେ, ସେ ହେଉଛନ୍ତି ହ. ମସିହ୍ ମଉଦ୍ ଅ.ସଙ୍କ ସୈନ୍ୟବାହିନୀର ଜଣେ ସାମାନ୍ୟ ସିପାହୀ ଏବଂ ଜମାଅତ୍ ତାଙ୍କୁ ଯାହାବି ଆଦେଶ ଦେବ ତାହାକୁ ସେ ପାଳନ କରିବା ପାଇଁ ପ୍ରସ୍ତୁତ ଅଛନ୍ତି । ଜଲ୍‌ସା ଏବଂ ଜମାଅତ୍‌ର କାର୍ଯ୍ୟକ୍ରମରେ ସେ ସର୍ବଦା ନିଜର ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ସହିତ ରହୁଥିଲେ ଏବଂ ତାଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ଦେଉଥିଲେ ଓ ସେମାନଙ୍କର ସଂସ୍କାର ମଧ୍ୟ କରୁଥିଲେ । ସେ କହୁଥିଲେ ଯେ, ସେ ପାକିସ୍ତାନୀ ଅହେମଦିମାନଙ୍କର ବଳିଦାନକୁ ସର୍ବଦା ଗର୍ବ ଦୃଷ୍ଟିରେ ଦେଖନ୍ତି ଏବଂ ସର୍ବଦା ସେମାନଙ୍କ ପାଇଁ ପ୍ରାର୍ଥନା କରନ୍ତି ଓ ସେମାନଙ୍କୁ ସମ୍ମାନ ଜଣାନ୍ତି । ଖିଲାଫତ୍‌କୁ ସେ ବିଶେଷ ରୂପେ ଭଲ ପାଉଥିଲେ ଏବଂ ଖିଲାଫତ୍ ସହିତ ତାଙ୍କର ଏକ ବିଶେଷ ସଂପର୍କ ରହିଥିଲା । ଦୁଆ ପାଇଁ ସେ ମୋ ନିକଟକୁ ପତ୍ର ମଧ୍ୟ ଲେଖୁଥିଲେ ଏବଂ ଯେତେବେଳେ ତାଙ୍କୁ ନିଜ ପତ୍ରର ଉତ୍ତର ପ୍ରାପ୍ତ ହେଉଥିଲା ସେତେବେଳେ ସେ ସେହି ପତ୍ରଗୁଡ଼ିକୁ ଅତି ପ୍ରେମ ଏବଂ ଆନ୍ତରିକତାର ସହିତ ପଢୁଥିଲେ ଏବଂ ତାହାର ଚର୍ଚ୍ଚା ମଧ୍ୟ କରୁଥିଲେ । ଖିଲାଫତ୍‌ର ପ୍ରେମ ସେ ନିଜ ସନ୍ତାନମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲେ । ସେ ନିଜର ସନ୍ତାନମାନଙ୍କୁ ମଧ୍ୟ ଏହା କହିଥିଲେ ଯେ, ଉପସ୍ଥିତ ଖଲିଫାଙ୍କୁ ଦୁଆ ନିମନ୍ତେ ମଧ୍ୟ ତୁମେମାନେ ସର୍ବଦା ପତ୍ର ଲେଖ ।

ସେରାଲିଓନ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ସୟେଦ ସଇଦ୍ ସାହେବ ଯେକି ଗ୍ୟାମ୍ବିଆରେ ରହିଥିଲେ ସେ ଉଲ୍ଲେଖ କରନ୍ତି, ଯଦିଚ ସୟେଦ୍ ସାହେବ ସିନେଗାଲ୍ ଠାରେ ଜନ୍ମ ଗ୍ରହଣ କରିଥିଲେ ଏବଂ ଏହାପରେ ବୃତ୍ତି ତଥା ଚିକିରୀ ଅନ୍ୱେଷଣରେ ସେ ଗ୍ୟାମ୍ବିଆ ଚାଲି ଆସିଥିଲେ । କିନ୍ତୁ ନାସିର୍ ଅହେମଦ ସିନିୟର୍ ସେକେଣ୍ଡାରୀ ସ୍କୁଲ୍‌ରେ ଜଣେ ଫ୍ରେଞ୍ଚ୍ ଭାଷାର ଶିକ୍ଷକ ରୂପେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ସେହି ସମୟରେ ସେ ଅହେମଦିୟତ୍ ସ୍ୱୀକାର କଲେ ପୁନଶ୍ଚ ନିଷ୍ଠା ଓ ବିଶ୍ୱସ୍ତତାରେ ଆଗକୁ ପାଦ ଅଗ୍ରସର କରି ଚାଲିଲେ । ୧୯୯୭ ମସିହାରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅଙ୍କ ଆଦେଶ କ୍ରମେ ସମସ୍ତ ସେଣ୍ଟର୍‌ର କର୍ମଚାରୀ ବୃନ୍ଦମାନେ ଗ୍ୟାମ୍ବିଆ ଛାଡ଼ିଦେଲେ କିନ୍ତୁ ସ୍ୱର୍ଗତଙ୍କୁ ନାସିର୍ ଅହେମଦ୍ ସେକେଣ୍ଡାରୀ ସ୍କୁଲର ପ୍ରିଂସିପାଲ କରିଦିଆଗଲା । ଏହି ପଦବୀରେ ସେ ଆସୀନ ହୋଇ ସର୍ବୋଚ୍ଚ ସେବା ସମ୍ପାଦନ କରିଥିଲେ । ଏତଦ୍‌ପରେ ତାଙ୍କୁ ଅଞ୍ଚଳର ମିଶ୍‌ନାରୀ କରିଦିଆଗଲା ଓ ମୃତ୍ୟୁ ପର୍ଯ୍ୟନ୍ତ ସେ ଏହି ପଦବୀରେ ଆସୀନ ଥିଲେ ।

ଇସା ଯୋଜଫଙ୍କ ମାଧ୍ୟମରେ ଅନେକ ପିପାସୁ ଆତ୍ମାମାନେ ଅହେମଦିୟତ୍‌ରେ ପ୍ରବିଷ୍ଟ ହୋଇଥିଲେ । ସ୍ୱର୍ଗତଙ୍କର ଧାର୍ମିକ ଜ୍ଞାନ ମଧ୍ୟ ଅଧିକ ଓ ବ୍ୟାପକ ଥିଲା। ସେ ସ୍ୱ ଅଧ୍ୟୟନ କରି ଜ୍ଞାନ ଅର୍ଜନ କରିଥିଲେ । ଅଣ ଅହେମଦିମନଙ୍କ ସହିତ ତାଙ୍କର ସୁସଂପର୍କ ଥିଲା । ଏଣୁ ଅନେକ ଅଞ୍ଚଳର ମୁଖ୍ୟ ଇମାମ୍ ତାଙ୍କୁ ବହୁତ ସମ୍ମାନ ଜଣାଉଥିଲେ ଏବଂ ଯଦିବି କୌଣସି ବ୍ୟକ୍ତି ଉକ୍ତ ଅଞ୍ଚଳରେ କୌଣସି ବିରୋଧ କିମ୍ବା ଉପଦ୍ରବ ସୃଷ୍ଟି କରିବା ପାଇଁ ଆଗଭର ହେଉଥିଲା ତେବେ ସେତେବେଳେ ସାଧୁ ସ୍ୱଭାବର ବ୍ୟକ୍ତିମାନେ ବିରୋଧୀମାନଙ୍କ ବିରୁଦ୍ଧରେ ଛିଡ଼ା ହୋଇଯାଉଥିଲେ। ଫଳତଃ ବିରୋଧୀମାନେ ଅକୃତକାର୍ଯ୍ୟ ହେଉଥିଲେ ।

ପୁନଶ୍ଚ ମହୋଦୟ ଉଲ୍ଲେଖ କରନ୍ତି ଯେ, ତାଙ୍କର ଏହିଭଳି ବିଶେଷତା ହିଁ ତାଙ୍କର ଅନନ୍ୟ ଜ୍ଞାନର ପରିଚାୟକ ଥିଲା । ତାଙ୍କର ଅଧ୍ୟୟନ ଅତ୍ୟନ୍ତ ଗଭୀର ହେଉଥିଲା । ଯେପରିକି ମୁଁ କହିଲି, ଜମାଅତ୍‌ର ଲିଟ୍ରେଚର (ସାହିତ୍ୟ) ରେ ତାଙ୍କର ଗଭୀର ଦଖଲ ରହିଥିଲା । ଜଲ୍‌ସା ସାଲାନା ସମୟରେ ଅନେକ ସମୟରେ ତାଙ୍କୁ ଭାଷଣ ଦେବାକୁ ସୁଯୋଗ ମଧ୍ୟ ପ୍ରାପ୍ତ ହୋଇଥିଲା । ସେହିପରି ଜମାଅତ୍‌ର ପତ୍ରିକାରେ ତାଙ୍କର ବିଭିନ୍ନ ବିଷୟ ପ୍ରକାଶିତ ହେଉଥିଲା । ବିନୀତତା ଏବଂ ବିନମ୍ରତା ଭଳି ବିଶିଷ୍ଟ ଗୁଣ ରହିଥିଲା ତାଙ୍କର । ସେ ଜଣେ ପରାମର୍ଶଦାତା ମଧ୍ୟ ଥିଲେ ଏବଂ ସର୍ବଦା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ତାଙ୍କୁ ସାମିଲ୍ କରାଯାଉଥିଲା ଏବଂ ତାଙ୍କର ଅନେକ ରାଏ ସଠିକ୍ ସାବ୍ୟସ୍ତ ମଧ୍ୟ ହେଉଥିଲା । ସ୍ୱର୍ଗତ ଯୋଜଫ୍ ସାହେବ ତେହଜ୍ଜୁଦ୍ ପାଠକାରୀ ବ୍ୟକ୍ତି ଥିଲେ । ଫଳତଃ ତାଙ୍କୁ ଅନେକ ସତ୍ୟ ସ୍ୱପ୍ନ ଦୃଶ୍ୟମାନ ହେଉଥିଲା ଏବଂ ତାଙ୍କୁ ଯେତେବେଳେ ବି କୌଣସି ବ୍ୟକ୍ତି ଦୁଆ ପାଇଁ କହୁଥିଲା ସେତେବେଳେ ସେ ତାକୁ ପରାମର୍ଶ ଦେଉଥିଲେ ଯେ, ପ୍ରଥମେ ଖଲିଫାଙ୍କୁ ଦୁଆ ନିମନ୍ତେ ପତ୍ର ଲେଖ ଏବଂ ତା' ପରେ ଯାଇ ସ୍ୱୟଂ ମଧ୍ୟ ଉକ୍ତ ବ୍ୟକ୍ତି ନିମନ୍ତେ ଦୁଆ କରୁଥିଲେ ।

ମୁଁ ଏହା ଜାଣିବାକୁ ପାଉଥିଲି ଯେ, ମହୋଦୟ ସ୍ୱର୍ଗତ ଯୋଜଫ୍ ସାହେବ ନିଜର ଅବସର ଦିନମାନଙ୍କରେ ତବ୍‌ଲିଗ୍ ନିମନ୍ତେ ବାହାରକୁ ବାହାରି ଯାଇଛନ୍ତି। ୱ୍ହାଟ୍‌ସ୍‌ଆପ୍ ଷ୍ଟାଟସ୍ ଉପରେ ପବିତ୍ର କୁରଆନ୍ କରୀମ୍‌ର ଆୟତ୍, ହ. ମୁହମ୍ମଦ୍ ସ.ଅଙ୍କର ଅନେକ ହଦୀସ୍, ହ. ମସିହ୍ ମଉଦ୍ ଅ.ସ ଓ ଖଲିଫାମାନଙ୍କର ତବ୍‌ଲିଗି ଏବଂ ସଂସ୍କାରିକ ପୋଷ୍ଟ, ଖଲିଫାମାନଙ୍କର ଫଟୋ ଆଦି ପ୍ରତ୍ୟେକ ଦିନ ନିୟମିତ ଭାବରେ ୱାଟସ୍ ଆପ୍ ଷ୍ଟାଟସ୍ ଲଗାଉଥିଲେ ଏବଂ ଅହେମଦି ଓ ଅଣଅହେମଦି ଲୋକମାନଙ୍କୁ ମଧ୍ୟ ଏହି ପୋଷ୍ଟ, ଫଟୋ ଇତ୍ୟାଦି ପ୍ରେରଣ କରୁଥିଲେ । ତହିଁରୁ ତାଙ୍କର ତବ୍‌ଲିଗ୍ ପ୍ରତି ଥିବା ଅଭିରୁଚି ଓ ଆଗ୍ରହ ସ୍ପଷ୍ଟ ପରିପ୍ରକାଶିତ ହେଉଥିଲା ।

ଅଲ୍ଲାଃତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ସେମାନଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେପରିକି ମୁଁ କହିଲି ବର୍ତ୍ତମାନ ନମାଜ ଜୁମା ପରେ ଏହି ଉପସ୍ଥିତ ଓ ଅନୁପସ୍ଥିତ ମୃତକ ବ୍ୟକ୍ତିମାନଙ୍କର ନମାଜ୍ ଯନାଜାଃ ପାଠ କରିବି । إن شاء الله ।

☆☆☆

## (ବିବାହ ଆଦି ପର୍ବରେ ନୃତ୍ୟ ଗୀତ)

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ବିବାହ ପର୍ବ ଅବସରରେ ଇସ୍‌ଲାମୀୟ ଧର୍ମ ବିଧାନ ଅନୁଯାୟୀ ଗୀତ (ଗାଇବା) ବୈଧ ଅଟେ । କିନ୍ତୁ ଗୀତଟି ଏହିପରି ହେବା ଉଚିତ ଯାହା ଅହାନିକାରକ କିମ୍ବା ଧାର୍ମିକ ହୋଇଥିବା ଉଚିତ୍ ।"

**(ଅଲ୍ ଫଜଲ, 20 ଜାନୁଆରୀ, 1945 ମସିହା)**

ହ. ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ ଖଲିଫା) କୁହନ୍ତି: ବିବାହ ପର୍ବରେ ଯେତେ ଇଚ୍ଛା ସେତେ ଢୋଲ ବଜାନ୍ତୁ, ବାରଣ ନାହିଁ, ଗୀତ ମଧ୍ୟ ଗାଆନ୍ତୁ କିଛି ବାରଣ ନାହିଁ...... କିନ୍ତୁ ଏହିଭଳି ବିବାହ ପର୍ବରେ ଅବୈଧ ରୀତି ବା ପ୍ରଥା ଆଦୌ କରନ୍ତୁ ନାହିଁ ........କାରଣ ତାହା ସମାଜକୁ ଭାରାକ୍ରାନ୍ତ ଓ କଳୁଷିତ କରି ପକାଇବ ଓ ଲୋକମାନ ସମସ୍ୟା ଓ ବିପତ୍ତିର ସମ୍ମୁଖୀନ ହେବେ ।"

**(ମଜ୍‌ଲିସେ ଇର୍ଫାନ୍ ଲଜ୍‌ନା ଇମାଇଲ୍ଲାଃ କରାଚୀ, ପୃ-134)**

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି: "ମୋତେ ଏହି ସୂଚନା ମିଳିଛି ଯେ, ଆଜିକାଲି ଲୋକମାନେ ବିବାହ ପର୍ବରେ ଡେକ୍ (ସାଉଣ୍ଡ ସିଷ୍ଟମ, ସ୍ପିକର୍) ଆଦି ମେସିନ୍ ମଧ୍ୟ ବ୍ୟବହାର କରୁଛନ୍ତି । ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ, ବିବାହ ଆଦି ପର୍ବରେ ଗୀତ ପାଇଁ କୌଣସି ସାଉଣ୍ଡ ସିଷ୍ଟମ ବ୍ୟବହାର କରିବା ଅନୁଚିତ । ଘରୁ ବାହାରକୁ ସ୍ୱର ଯେପରି ନବାହାରୁ ଅର୍ଥାତ ନଶୁଭୁ ।" **(ହୁଜୁର୍ ଅ.ବଙ୍କ ପତ୍ର, 22 ଜାନୁଆରୀ 2010 ମସିହା)**

**(ଶୋବା ରିସ୍ତାନାତା, ନଜାରତ୍ ଇସ୍‌ଲାହ୍ ଓ ଇର୍ଶାଦ ମର୍କଜିୟା କାଦିଆନ୍)**

☆☆☆

## 128 ତମ ଜଲସା ସାଲାନା କାଦିଆନ୍, ତା- 29,30 ଓ 31 ଡିସେମ୍ବର 2023 ମସିହାରେ ଆୟୋଜିତ ହେବ ।

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ (ପଞ୍ଚମ ଖଲିଫା) ଅ.ବ 128 ତମ ଜଲସା ସାଲାନା କାଦିଆନ୍ ପାଇଁ ତା-29,30,

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜଲୁଲ ଇଫକତା ଫି ସବିଲିଲ୍ଲାହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 10-AUGUST 2023 Issue No.-32

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

31 ଡିସେମ୍ବର (ଶୁକ୍ରବାର, ଶନିବାର, ରବିବାର) ତାରିଖ ମଞ୍ଜୁର କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନେ ବର୍ତ୍ତମାନ ଠାରୁ ହିଁ ଦୁଆ ସହିତ ଉକ୍ତ କଲ୍ୟାଣମୟ ଜଲ୍‌ସାରେ ଅଂଶ ଗ୍ରହଣ କରିବା ନିମନ୍ତେ ସତ୍‌ଉଦ୍ଦେଶ୍ୟ ରଖି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଐଶ୍ୱରିକ ଜଲ୍‌ସାରୁ ଲାଭବାନ୍ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ହେବା ନିମନ୍ତେ, ସେହିପରି ପୁଣ୍ୟାତ୍ମାମାନଙ୍କର ମାର୍ଗଦର୍ଶନର କାରଣ ସାଜିବା ନିମନ୍ତେ ପ୍ରାର୍ଥନା ଜାରି ରଖନ୍ତୁ । **ଯଜାକୁମୁଲ୍ଲାଃହୁ ତାଆଲା ଓ ଅହସନଲ୍ ଯଜା** । (ନାଜିର୍ ଇସଲାହ୍ ଓ ଇର୍ଶାଦା ମର୍କଜିଆ କାଦିଆନ୍)

## ପୃ 2ର ଅବଶିଷ୍ଟାଂଶ

ଗଭର୍ଣ୍ଣର ପଣ୍ଟିଅସ୍ ପାଇଲଟ୍‌ଙ୍କ ପାଖକୁ ଗଲେ ଏବଂ ଯୀଶୁଙ୍କ ମର ଶରୀର ସେମାନଙ୍କୁ ହସ୍ତାନ୍ତର କରିଦେବାକୁ ଅନୁରୋଧ କଲେ । ସେମାନେ ନିର୍ଦ୍ଦିଷ୍ଟ ଭାବେ। ନିଜ ଆଶାଙ୍କା ପ୍ରକାଶ କଲେ ଯେ, କ୍ରୁଶବିଦ୍ଧ ଅବସ୍ଥାରୁ ଯୀଶୁ ବଞ୍ଚିଯାଇ ପାରନ୍ତି ଏବଂ ପରେ ଦାବି କରିପାରନ୍ତି ଯେ, ସେ ମୃତ୍ୟୁଲୋକରୁ ଜୀବିତ ହୋଇ ଉଠି ଆସିଛନ୍ତି । ଯୀଶୁଖ୍ରୀଷ୍ଟ ଯେ, କୁମାରୀ ସମ୍ଭୂତ ଏହି ତଥ୍ୟାକୁ ପବିତ୍ର କୁରଆନ୍ ସମର୍ଥନ କରେ । ବିଭିନ୍ନ ଅଭିଯୋଗ କରାଯାଇ ମରିୟମ୍ ବା ମେରିଙ୍କୁ ଯେପରି ସନ୍ଦେହାତ୍ମକ ଚରିତ୍ର ସମ୍ପନ୍ନା ନାରୀ ଭାବରେ ଚିତ୍ରଣ କରାଯାଇଛି । ପବିତ୍ର କୁରଆନ୍ ତାଙ୍କୁ ସେ ସବୁ ଅଭିଯୋଗରୁ ଦୋଷମୁକ୍ତ କରେ ।

ଅନ୍ୟାନ୍ୟ ଧର୍ମ ପ୍ରତି ଆଭିମୁଖ୍ୟ ସଂକ୍ରାନ୍ତରେ ସମସ୍ତ ଧର୍ମଗ୍ରନ୍ଥ ମଧ୍ୟରେ ପବିତ୍ର କୁରଆନ୍ ଅନନ୍ୟ । ବାଇବେଲ୍‌ରେ ବର୍ଣ୍ଣିତ ବାର୍ତ୍ତାବହମାନଙ୍କୁ ଯେ, ଏହା ସ୍ୱୀକାର କରେ ତାହା ନୁହେଁ । ବରଂ ଏକ ମୌଳିକ ବିଶ୍ୱାସ ସ୍ୱରୂପ ଯେବେ ଯେବେ ବାର୍ତ୍ତାବହମାନେ ଆବିର୍ଭୂତ ହୋଇଛନ୍ତି ସେ ସମସ୍ତଙ୍କୁ ବିଶ୍ୱାସ କରିବା ଲାଗି ମଧ୍ୟ ଏହା ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦିଏ । ଯଥା- **ଫିହା କୁତୁବୁଲ୍ କଇୟିମାହ୍ (ଅଲ୍ ବୟିଏନାହ୍: 4)** ଅର୍ଥାତ ଯହିଁରେ ସ୍ଥାୟୀ ଆଦେଶାବଳୀ ରହିଥିବ ।

ପବିତ୍ର କୁରଆନ୍ ଅନୁସାରେ ସମସ୍ତ ଧର୍ମର ମୁଖ୍ୟ ବାର୍ତ୍ତା ମୂଳତଃ ସମାନ ଥିଲା ଅର୍ଥାତ ଏକ ପ୍ରଭୁଙ୍କ ଠାରେ ବିଶ୍ୱାସ, ସମସ୍ତ ନିଷ୍ଠାର ସହିତ ତାହାଙ୍କର ଉପାସନା ଓ ତାହାଙ୍କ ସନ୍ତୁଷ୍ଟି ଲାଭ ତଥା ପ୍ରସନ୍ନତା ପ୍ରାପ୍ତି ନିମିତ୍ତ ସତ୍‌ଅଭିପ୍ରାୟର ବ୍ୟୟ । ଏହି ମୌଳିକ ନୀତିଗୁଡ଼ିକୁ ବ୍ୟତୀତ, ବିଭିନ୍ନ ଧର୍ମର ନୈତିକ ଓ ସାମାଜିକ ଶିକ୍ଷାମାନ ପୃଥିବୀର ବିଭିନ୍ନ ଭାଗରେ ବିଭିନ୍ନ ସମୟରେ ପୃଥକ ପୃଥକ ଅବସ୍ଥା ଓ ଆବଶ୍ୟକତା ଭାବରେ ପୃଥକ ହୋଇପାରେ । ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ଅନ୍ୟ ଅନେକ ଗ୍ରନ୍ଥ ପରି ପୁରାତନ ସୁସମାଚାର ଓ ନୂତନ ସୁସମାଚାର ତୌରାତ୍ ଓ ଇଞ୍ଜିଲ୍ ପ୍ରଭୁଙ୍କର ପ୍ରକଟନ ବୋଲି ସ୍ୱୀକାର କରାଗଲେ ହିଁ ପବିତ୍ର କୁରଆନ୍ କହେ ଯେ, ସେସବୁ ପୂରାପୂରି ଅତୁଟ ହୋଇ ରହି ନାହିଁ । ସମୟକ୍ରମେ ଦୁର୍ଭାଗ୍ୟବଶତଃ ମଣିଷ ଏହି ପବିତ୍ର ଗ୍ରନ୍ଥଗୁଡ଼ିକୁ ପ୍ରକ୍ଷିପ୍ତ ଓ ବିକୃତ କରିଦେଇଛି । ଏହି ମୂଳ ଗ୍ରନ୍ଥଗୁଡ଼ିକର ଅବଶେଷଗୁଡ଼ିକରେ ଆମେ ଆଜି ଯେଉଁ ସବୁ ଅସାମଞ୍ଜସ୍ୟତା ଓ ବିରୋଧାତ୍ମକ ବା ବିରୋଧାଭାସ ଦେଖୁଛେ, ପବିତ୍ର କୁରଆନ୍ ସେହି ସବୁକୁ ପ୍ରକ୍ଷିପ୍ତ ଓ ବକୃତିର ବିଷୟ ବୋଲି ବୁଝାଇ ଦେଇଛି ।

ମାନବ ସୃଷ୍ଟିର ଚରମ ଉଦ୍ଦେଶ୍ୟ ହେଲା ପ୍ରଭୁଙ୍କର ଉପାସନା । ପବିତ୍ର କୁରଆନ୍‌ର ଶିକ୍ଷା ଅନୁସାରେ ତାହାଙ୍କ ସମକ୍ଷରେ କେବଳ ନତମସ୍ତକ ହେବା ଓ ସାଷ୍ଟାଙ୍ଗ ପ୍ରଣିପାତ କରିବା ଏହା ଅର୍ଥ ନୁହେଁ । ବରଂ ତାହାଙ୍କ ଗୁଣାବଳୀକୁ ଗ୍ରହଣ କରି ତାହାଙ୍କ ଆଲୋକ ଓ ସଦ୍‌ଗୁଣଗୁଡ଼ିକୁ ପ୍ରକାଶିତ କରି ପୃଥିବୀରେ ତାଙ୍କ ପ୍ରତିନିଧି ହୋଇ ରହିବା ମଧ୍ୟ ତା'ର ଅର୍ଥ । ବିଶ୍ୱରେ ମଣିଷ ଈଶ୍ୱଙ୍କର ସର୍ବଶ୍ରେଷ୍ଠ ସୃଷ୍ଟି ଏବଂ ସମସ୍ତ ସୃଷ୍ଟ ବସ୍ତୁ ମଧ୍ୟରେ ତା'ର ସ୍ଥାନ, ଗୌରବ ଓ ସମ୍ମାନ ସଭିଙ୍କ ଉପରେ ସୃଷ୍ଟିର ଅନ୍ୟମାନଙ୍କ ତୁଳନାରେ ତା'ର ସ୍ଥାନ ଉର୍ଦ୍ଧ୍ୱରେ ହେଲେ ହେଁ, ମଣିଷ ମଣିଷ ମଧ୍ୟରେ ସମାଜ ବିରୋଧୀ ଶ୍ରେଷ୍ଠତା ଚିନ୍ତାଧାରାକୁ ପବିତ୍ର କୁରଆନ ପ୍ରତ୍ୟାଖ୍ୟାନ କରେ । ଯଦି ସେ ଗୁଣରେ ଓ ଧର୍ମଭୀରୁତାରେ ଅନ୍ୟକୁ ଅତିକ୍ରମ କରିଯିବ ତେବେ ସେ ନିଜ ସ୍ରଷ୍ଟାଙ୍କ ଦୃଷ୍ଟିରେ ପାହ୍ୟ ଓ ପଦରେ ଉଚ୍ଚତର ବୋଲି ବିବେଚିତ ହେବ ।

ପବିତ୍ର କୁରଆନ୍‌ର ଶିକ୍ଷା ଏକ ପୂର୍ଣ୍ଣାଙ୍ଗ ଧାର୍ମିକ, ସାମାଜିକ, ଅର୍ଥନୈତିକ ଓ ନୈତିକ ଧାରା ହିସାବରେ ମଣିଷର ସ୍ୱାର୍ଥ ଓ କାର୍ଯ୍ୟାବଳୀର ସମସ୍ତ ସ୍ତରକୁ ଆଚ୍ଛାଦିତ କରେ, ଯାହାକି ସାର୍ବଜନୀନ ଭାବରେ କାର୍ଯ୍ୟରେ ପରିଣତ ହୋଇପାରିବ । ଯଦି ପରମ ନୈତିକ ମୂଲ୍ୟବୋଧ ପ୍ରତି ଦୃଢ଼ତା ଅବଲମ୍ବନ କରାଯାଏ ତେବେ କୌଣସି ଧାରା, ତାହା ଯେତେ ଉତ୍ତମ ହୋଇଥାଉ ପଛେ, କାର୍ଯ୍ୟକାରୀ ହୋଇ ପାରିବ ନାହିଁ ବୋଲି ଏହା ଦୃଢ଼ତା ସହକାରେ କହେ । ପବିତ୍ର କୁରଆନ୍ ମଣିଷ ମଣିଷ ମଧ୍ୟରେ ସମସ୍ତ ପ୍ରକାରର ସଂଘର୍ଷକୁ ପରିହାର କରିବାକୁ ଯାଇ ଏବଂ ସାମାଜିକ ସ୍ଥିତିରେ ଏକ ସର୍ବାଙ୍ଗ ସୁନ୍ଦର ସଙ୍ଗତି ଆଣିବାକୁ ଯାଇ ସମାଜର ଭିନ୍ନ ଭିନ୍ନ ବ୍ୟକ୍ତି ଓ ବିଭାଗର ଅଧିକାର ତଥା ନୈତିକ କର୍ତ୍ତବ୍ୟଗୁଡ଼ିକୁ ଅତି ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଛି । ଏହିପରି ଭାବେ ଏହା ଶ୍ରେଣୀ ସଂଘର୍ଷକୁ ଓ ମିଣିଷ ଦ୍ୱାରା ମଣିଷର ଯେକୌଣସି ପ୍ରକାରର ଶୋଷଣ ମନୋଭାବକୁ ପରିହାର କରିଛି ।

ନାରୀମାନଙ୍କ ଅଧିକାରକୁ ସାବ୍ୟସ୍ତ କରିବାରେ ଏବଂ ସେମାନଙ୍କୁ ଜନ ସମାଜରେ ଏକ ସମ୍ମାନଜନକ ପଦମର୍ଯ୍ୟାଦା ଦେବାରେ ପବିତ୍ର କୁରଆନ୍ ସମସ୍ତ ଦିବ୍ୟ ଗ୍ରନ୍ଥମାନଙ୍କ ମଧ୍ୟରେ ବୈଶିଷ୍ଟ୍ୟ ଲାଭ କରିଛି । ପବିତ୍ର କୁରଆନ୍‌ର ମଧ୍ୟ ଏକମାତ୍ର ଦିବ୍ୟ ଗ୍ରନ୍ଥ ଯାହା ଉତ୍ତରାଧିକାରୀ ସୂତ୍ରେ ନାରୀମୀନଙ୍କ ଅଧିକାରକୁ ସୁରକ୍ଷା ପ୍ରଦାନ କରିବା ଭଳି ଉତ୍ତରାଧିକାରୀ ଆଇନ୍‌କୁ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛି ।

ପବିତ୍ର କୁରଆନ୍‌ର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଗୁଣ ହେଉଛି ବିବେକ ସ୍ୱାଧୀନତା। ବିଶ୍ୱାସ କରିବା ଲାଗି ବା ପ୍ରତ୍ୟାଖ୍ୟାନ କରିବା ଲାଗି ଅଲ୍ଲାଃତାଲା ମଣିଷକୁ ସ୍ୱାଧୀନ ଅଭିରୁଚି ପ୍ରଦାନ କରିଛନ୍ତି ଏବଂ ଧର୍ମରେ ବାଧ୍ୟବାଧକତା ପ୍ରୟୋଗ କରିବା ଲାଗି କାହାରିକୁ ଅନୁମତି ଦିଆଯାଇ ନାହିଁ । ଧର୍ମ ବିଶ୍ୱାସ ସଂକ୍ରାନ୍ତରେ ମଣିଷ ସିଧାସଳଖ ପ୍ରଭୁଙ୍କ ଠାରେ ଉତ୍ତରଦାୟୀ । ଜୋର ଜବରଦସ୍ତ ତା' ଉପରେ କୌଣସି ଆଦର୍ଶକୁ ଲଦି ଦିଆଯାଇ ପାରିବ ନାହିଁ କିମ୍ବା ସେ ଯାହା ବିଶ୍ୱାସ କରେ ତା'କୁ ପରିତ୍ୟାଗ କରିବା ପାଇଁ ବାଧ୍ୟ ମଧ୍ୟ କରାଯାଇ ପାରିବ ନାହିଁ । ମଣିଷର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରବର୍ତ୍ତନା ଓ ଯୁକ୍ତି ହେଉଛି ଏକମାତ୍ର ଅନୁମୋଦନୀୟ ପନ୍ଥା । ଅର୍ଥାତ ଯେପରିକି ପବିତ୍ର କୁରଆନ୍‌ରେ ଅଲ୍ଲାଃତାଲା କୁହନ୍ତି ଯେ, **ଲା ଇକ୍ରାହା ଫିଦ୍ଦୀନ୍ (ଅଲ୍‌ବକ୍ରାହ୍: 257)** ଅର୍ଥାତ ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ । ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ ପୁନଃ କୁହନ୍ତି: **ଲିୟହଲିକା ମନ୍ ହଲକା ଅନ୍ ବଇୟିନତିଉଁ ଓ ୟହ୍‌ୟା ମନ୍ ହଇୟା ଅନ୍ ବଇୟିନତିନ୍ ଓଇନ୍ନଲ୍ଲାଃହା ଲସମିଉନ୍ ଅଲିମ୍ । (ଅଲ୍ ଅନ୍‌ଫାଲ୍-43)** ଅର୍ଥାତ ଏହି ନିଦର୍ଶନ ଏଥିଯୋଗୁଁ ପ୍ରଦର୍ଶିତ ହେଲା ଯଦ୍ଦ୍ୱାରା ଯେଉଁ ବ୍ୟକ୍ତି ପ୍ରମାଣ ଦ୍ୱାରା ନିହତ ହୋଇଅଛି ସେ ନିହତ ହେଉ ଏବଂ ଯେଉଁ ବ୍ୟକ୍ତି ପ୍ରମାଣ ଦ୍ୱାରା ଜୀବିତ ହୋଇଅଛି ସେ ଜୀବିତ ହେଉ ଏବଂ ଅଲ୍ଲାଃତାଲା ହିଁ ମହାନ୍ ଶ୍ରୋତା ଓ ସର୍ବଜ୍ଞ ।

ମଣିଷର ଆତ୍ମା ମୃତ୍ୟୁ ପରେ ଏକ ନୂତନ ପ୍ରକାରର ସ୍ଥିତି ଲାଭ କରିବା ବିଷୟରେ ପବିତ୍ର କୁରଆନ୍ ଶିକ୍ଷା ଦିଏ ଜଣକର ଆତ୍ମାର ଭାଗ୍ୟ ଓ ଭବିତବ୍ୟତା ତା' ନିଜର କର୍ମ ଓ ଆଚରଣ ଅନୁସାରେ ନିର୍ଦ୍ଧାରିତ ହୁଏ । ପ୍ରତ୍ୟେକ ବ୍ୟକ୍ତିର ଭଲ ମନ୍ଦ କାର୍ଯ୍ୟ ମୃତ୍ୟୁ ପରେ ତା'ର ଆଗାମୀ ଜୀବନର ଠିକଣା ସ୍ଥିର କରେ । ପବିତ୍ର କୁରଆନ୍ ଦାବୀ କରେ ଯେ, ଇସ୍‌ଲାମ୍ ଧର୍ମ ହେଉଛି ଆଲୋକର ବାର୍ତ୍ତା, ଯାହା ଏକ ଦୀର୍ଘ ସଂଘର୍ଷ ପରେ ପରିଶେଷରେ ଅନ୍ଧକାରକୁ ହଟାଇ ପାରିବ । ପବିତ୍ର କୁରଆନ୍‌ରେ ଭବିଷ୍ୟତବାଣୀ କରା ହୋଇଛି ଯେ, ପରବର୍ତ୍ତୀ କାଳରେ ସମଗ୍ର ମାନବ ଜାତିର ଧର୍ମବିଶ୍ୱାସ ଓ ଆଦର୍ଶ ପାଇଁ ସାର୍ବଜନୀନ ଧର୍ମର ଏକ ଇପ୍‌ସିତ୍ ଲକ୍ଷ୍ୟକୁ ହାସଲ କରିବାକୁ ଯାଇ ଇସ୍‌ଲାମ୍ ଧର୍ମ ଅନ୍ୟ ସମସ୍ତ ଧର୍ମ ବିଶ୍ୱାସ ଓ ଆଦର୍ଶ ଉପରେ ପ୍ରାଧାନ୍ୟ ବିସ୍ତାର କରିବ । ଦିବ୍ୟ ବାର୍ତ୍ତାବହଙ୍କ ଭବିଷ୍ୟତବାଣୀ ଅନୁସାରେ ମେହ୍‌ଦୀ ଓ ମସିହ୍ ନାମକ ଦିବ୍ୟ ବାର୍ତ୍ତାବହଙ୍କର ଜଣେ ଦାସଙ୍କ ଦ୍ୱାରା ତର୍କ, ଯୁକ୍ତି ଓ ପ୍ରବର୍ତ୍ତନା ମାଧ୍ୟମରେ ...........(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ)

☆☆☆

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan